GEHI-01

Block-1

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University

Sambalpur

# ସ୍ନାତକ କଳା (ସମ୍ମାନ)

## ଅନ୍ତର୍ବିଷୟ ଇଚ୍ଛାଧୀନ ପାଠ୍ୟକ୍ରମ- ୧

## ଇତିହାସ (GEHI)

## ଭାରତ ଇତିହାସ- ୧

## ପ୍ରାଚୀନ ଭାରତୀୟ ଇତିହାସର ପୁନର୍ଗଠନ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ)

## ଅନ୍ତର୍ବିଷୟ ଇଚ୍ଛାଧୀନ ପାଠ୍ୟକ୍ରମ- ୧

# ଇତିହାସ (GEHI)

## GEHI-01

### ଭାରତ ଇତିହାସ- ୧

## ବ୍ଲକ୍- ୧

# ପ୍ରାଚୀନ ଭାରତୀୟ ଇତିହାସର ପୁନର୍ଗଠନ

ପ୍ରଥମ ଏକକ- ଐତିହାସିକ ଲିଖନର ଉତ୍ସ

ଦ୍ୱିତୀୟ ଏକକ- ବୈଦିକ ଯୁଗ: ସମାଜ, ଶାସନତନ୍ତ୍ର ଓ ସଂସ୍କୃତି

ତୃତୀୟ ଏକକ- ବୌଦ୍ଧ ଧର୍ମ ଓ ଜୈନ ଧର୍ମ: ସିଦ୍ଧାନ୍ତ ଓ ପ୍ରଭାବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

## ସ୍ନାତକ (ସମ୍ମାନ) କାର୍ଯ୍ୟକ୍ରମ

Generic Elective Course HISTORY (GEHI)-1- Odia

ଅନ୍ତର୍ବିଷୟ ଇଚ୍ଛାଧୀନ ପାଠ୍ୟକ୍ରମ ଇତିହାସ –୧- ଓଡ଼ିଆ

**ପ୍ରଥମ ପର୍ଯ୍ୟାୟ (Semester – I)**

**ପାଠ୍ୟକ୍ରମ – ୧ / ବ୍ଲକ୍ - ୧:** ପ୍ରାଚୀନ ଭାରତୀୟ ଇତିହାସର ପୁନର୍ଗଠନ

**ପ୍ରଥମ ପ୍ରକାଶ: ୨୦୨୦**

**ମୂଳ ଇଂରାଜୀ ପାଠ:**

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ

କୃଷ୍ଣକାନ୍ତ ହାଣ୍ଡିକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଗୁଆହାଟୀ

**ଓଡ଼ିଆ ଅନୁବାଦ:**

ପ୍ରାଧ୍ୟାପକ ଡ. କାହ୍ନୁଚରଣ ପାଢ଼ୀ,

ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର

**ସମୀକ୍ଷା ଓ ଭାଷା ସମ୍ପାଦନା:**

ପୁଷ୍ପାଞ୍ଜଳୀ ପାଢ଼ୀ, ଗବେଷଣା ନିର୍ଦ୍ଦେଶକ,

ସାମାଜିକ ସାଂସ୍କୃତିକ ଗବେଷଣା ପ୍ରବର୍ତ୍ତନ ବିଦ୍ୟାଳୟ (SSCRI), ବ୍ରହ୍ମପୁର

**ଡିଟିପି ଓ ଅଳଂକରଣ:**

ଶରତ ଚନ୍ଦ୍ର ସାହୁ, ରାମ ନଗର, ବ୍ରହ୍ମପୁର

**ସଂଯୋଜକ:**

ପ୍ରଫେସର ଡକ୍ଟର ପତିତ ପାବନ ମିଶ୍ର, ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା,

ଇତିହାସ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରକାଶକ: ଡକ୍ଟର ମାନସ ରଞ୍ଜନ ପୂଜାରୀ,** କୁଳସଚିବ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2020. PRACHIN BHARATIYA ITIHASARA PUNARGATHANA is made available under a Creative Commons Attribution-ShareAlike 4.0 http : creative commons.org/ licences/by-sa/4.0

# ପ୍ରଥମ ଏକକ: ଐତିହାସିକ ଲିଖନର ଉତ୍ସ

## ବିଷୟ ଗଠନ:


୧.୧ ପଠନର ଉଦ୍ଦେଶ୍ୟ

୧.୨ ଉପକ୍ରମ

୧.୩ ପ୍ରାଚୀନ ଭାରତୀୟ ଇତିହାସର ଉତ୍ସ

୧.୪ ସାହିତ୍ୟିକ ଉତ୍ସ

୧.୪.୧ ଦେଶୀୟ ସାହିତ୍ୟ

୧.୪.୨ ବୈଦେଶିକ ସାହିତ୍ୟ

୧.୫ ପ୍ରତ୍ନତାତ୍ତ୍ୱିକ ଉତ୍ସ

୧.୫.୧ ଅଭିଲେଖ

୧.୫.୨ ମୁଦ୍ରା

୧.୫.୩ ଭୌତିକ ଅବଶେଷ

୧.୬ ସାରାଂଶ

୧.୭ ପରବର୍ତ୍ତୀ ପଠନ

୧.୮ ପ୍ରଗତି ପରିମାପକ ଉତ୍ତର

୧.୯ ଆଦର୍ଶ ପ୍ରଶ୍ନାବଳୀ


## ୧.୧ ପଠନର ଉଦ୍ଦେଶ୍ୟ

- ପ୍ରାଚୀନ ଭାରତୀୟ ଇତିହାସ ଅଧ୍ୟୟନର ବିଭିନ୍ନ ଉତ୍ସ ଚିହ୍ନଟ କରିବା
- ପ୍ରାଚୀନ ଭାରତୀୟ ଇତିହାସ ଅଧ୍ୟୟନର ବିଭିନ୍ନ ସାହିତ୍ୟିକ ଉତ୍ସ ସମ୍ବନ୍ଧରେ ଆଲୋଚନା କରିବା
- ପ୍ରାଚୀନ ଭାରତୀୟ ଇତିହାସ ଅଧ୍ୟୟନର ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ଉତ୍ସର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିବା

## ୧.୨ ଉପକ୍ରମ

ଏହା ଏହି ପାଠ୍ୟକ୍ରମର ପ୍ରଥମ ଏକକ । ଏହି ଏକକରେ ପ୍ରାଚୀନ ଭାରତୀୟ ଇତିହାସ ଅଧ୍ୟୟନର ଉପଲବ୍ଧ ଉତ୍ସଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରାଯିବ । ଉତ୍ସଗୁଡ଼ିକ ଇତିହାସର ମେରୁଦଣ୍ଡ ସଦୃଶ । ଦୁର୍ଭାଗ୍ୟବଶତଃ ପ୍ରାଚୀନ ଭାରତରେ ଇତିହାସ ଲିଖନର ବିଧିବଦ୍ଧ ପରମ୍ପରା ନ ଥିଲା । କିନ୍ତୁ ଐତିହାସିକମାନଙ୍କ ବର୍ଷ ବର୍ଷର ଅକ୍ଳାନ୍ତ ପରିଶ୍ରମ ଫଳରେ ଅତୀତ ଅଧ୍ୟୟନର ବହୁବିଧ ଉତ୍ସ ଲୋକଲୋଚନ ଗୋଚର ହୋଇପାରିଛି । ଏହି ଉତ୍ସଗୁଡ଼ିକ ହେଉଛି: ଦେଶୀୟ ସାହିତ୍ୟ, ବୈଦେଶିକ ସାହିତ୍ୟ, ଅଭିଲେଖ, ମୁଦ୍ରା ଓ ଭୌତିକ ଅବଶେଷ । ମୋଟ ଉପରେ ଦେଶୀୟ ସାହିତ୍ୟ ଓ ବୈଦେଶିକ ସାହିତ୍ୟକୁ ***ସାହିତ୍ୟିକ ଉତ୍ସ*** ରୂପେ ଅଭିହିତ କରାଯାଇ ପାରିବ; ଯେତେବେଳେ କି ଅଭିଲେଖ, ମୁଦ୍ରା ଓ ଭୌତିକ ଅବଶେଷକୁ ***ପ୍ରତ୍ନତାତ୍ତ୍ୱିକ ଉତ୍ସ*** କୁହାଯାଏ ।

## ୧.୩ ପ୍ରାଚୀନ ଭାରତୀୟ ଇତିହାସର ଉତ୍ସସମୂହ

ଉତ୍ସଗୁଡ଼ିକର ସହାୟତାରେ ହିଁ ପ୍ରାଚୀନ ଭାରତୀୟ ଇତିହାସର ନିରପେକ୍ଷ ପୁନର୍ଗଠନ ସମ୍ଭବପର । ଉତ୍ସଗୁଡ଼ିକ ମୋଟାମୋଟି ଦୁଇ ଭାଗରେ ବିଭକ୍ତ: ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ । ସାହିତ୍ୟିକ ଉତ୍ସଗୁଡ଼ିକ ପୁଣି ଦୁଇ ଭାଗରେ ବିଭକ୍ତ: ଦେଶୀୟ ସାହିତ୍ୟ ଓ ବୈଦେଶିକ ସାହିତ୍ୟ । ପ୍ରତ୍ନତାତ୍ତ୍ୱିକ ଉତ୍ସଗୁଡ଼ିକୁ ଅଭିଲେଖ, ମୁଦ୍ରା ଓ ଭୌତିକ ଅବଶେଷ ଏହିଭଳି ତିନି ଭାଗରେ ବିଭକ୍ତ କରାଯାଏ । ଉତ୍ସଗୁଡ଼ିକର ଏଇ ବିଭିନ୍ନ ରୂପକୁ ବର୍ତ୍ତମାନ ଭିନ୍ନ ଭିନ୍ନ ଉପଶିରୋନାମାରେ ଆଲୋଚନା କରାଯାଉଛି ।

## ୧.୪ ସାହିତ୍ୟିକ ଉତ୍ସ

ଆପଣମାନେ ପ୍ରତ୍ୟେକେ ଜାଣନ୍ତି, 'ସାହିତ୍ୟିକ'ର ଅର୍ଥ କିଛି ଲିଖିତ ବିଷୟ । ପ୍ରାଚୀନ ଭାରତରେ ଯଥାର୍ଥରେ ଲିଖିତ ଇତିହାସ ବୋଲି କିଛି ନ ଥିଲେ ହେଁ ବିସ୍ତର ସାହିତ୍ୟିକ ବିଷୟ ଉପଲବ୍ଧ ଯାହା ଆମ ଅତୀତ ସମ୍ବନ୍ଧରେ ବହୁ କଥା କୁହେ । କିନ୍ତୁ ଏମିତି କୌଣସି ଏକକ ସାହିତ୍ୟିକ ନଥି ନାହିଁ ଯାହା

ପ୍ରାଚୀନ ଭାରତୀୟ ଇତିହାସର ସମଗ୍ର କାଳ ଲାଗି ଏକ ସାଧାରଣ ଉତ୍ସ ରୂପେ ବ୍ୟବହୃତ ହୋଇପାରିବ । ବେଦ, ଉପନିଷଦ, ମହାକାବ୍ୟ, ପୁରାଣ ଓ ଅନ୍ୟାନ୍ୟ ଧର୍ମୀୟ ଗ୍ରନ୍ଥ ପ୍ରାଚୀନ ଭାରତୀୟ ଇତିହାସ ଉପରେ ଯଥେଷ୍ଟ ଆଲୋକପାତ କରନ୍ତି । ଏସବୁ ସଙ୍ଗକୁ ବୈଦେଶିକ ପରିବ୍ରାଜକମାନଙ୍କ ବିବରଣୀସମୂହ ଆମ ଅତୀତର ପୁର୍ଗଠନରେ ସହାୟକ ହୁଏ । ନିମ୍ନ ଅନୁଚ୍ଛେଦଗୁଡ଼ିକରେ ସେସବୁର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉଛି ।

### ୧.୪.୧ ଦେଶୀୟ ସାହିତ୍ୟ

ଦେଶୀୟ ସାହିତ୍ୟ କ'ଣ ଆପଣ ଜାଣନ୍ତି କି ? ଦେଶୀୟ ସାହିତ୍ୟର ଅର୍ଥ ସ୍ଥାନୀୟ ବା ନିଜ ଅଞ୍ଚଳର ସାହିତ୍ୟ । ଆମ ଅଧ୍ୟୟନ ପ୍ରସଙ୍ଗରେ ଏହା ଭାରତୀୟ ସାହିତ୍ୟକୁ ବୁଝାଏ । ଭାରତର ପ୍ରାଚୀନ ଇତିହାସ ଜାଣିବା ପାଇଁ ପଣ୍ଡିତମାନେ ପ୍ରାଚୀନ ଭାରତୀୟ ସାହିତ୍ୟକୁ ପରମ ସହାୟକ ବିଚାର କରନ୍ତି । ଭାରତର ପ୍ରାଚୀନ ସାହିତ୍ୟ ବହୁ ମାତ୍ରାରେ ଧର୍ମୀୟ ପ୍ରକୃତିର । ତଥାପି ବିସ୍ତୃତ ଧର୍ମନିରପେକ୍ଷ ସାହିତ୍ୟ ରହିଛି ଯାହା ଭାରତର ପ୍ରାଚୀନ ଇତିହାସର ପୁନର୍ଗଠନରେ ବଡ଼ ସାହାଯ୍ୟକାରୀ ।

***ବେଦ, ଉପନିଷଦ, ମହାକାବ୍ୟ, ପୁରାଣ*** ଓ ଅନ୍ୟ ***ଧର୍ମଶାସ୍ତ୍ର*** ଭଳି ପୁରାତନ ହିନ୍ଦୁ ଗ୍ରନ୍ଥଗୁଡ଼ିକ ତତ୍କାଳୀନ ଭାରତର ସ୍ପଷ୍ଟ ଚିତ୍ର ପ୍ରଦାନ କରେ । ବୈଦିକ ସାହିତ୍ୟ ପ୍ରାଚୀନ ଭାରତୀୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାମାଣିକ ଉତ୍ସ । ଋଗ୍‌ବେଦ ହେଉଛି ପ୍ରାଚୀନତମ ଭାରତୀୟ ସାହିତ୍ୟ ଏବଂ ଏହା ଆଦି ଭାରତୀୟ ଆର୍ଯ୍ୟମାନଙ୍କ ଧର୍ମୀୟ, ରାଜନୀତିକ ଓ ସାମାଜିକ ସ୍ଥିତି ସମ୍ବନ୍ଧରେ ପ୍ରଚୁର ସୂଚନା ପ୍ରଦାନ କରେ । ଅନ୍ୟ ତିନି ବେଦ ସାମ, ଯଜୁଃ ଓ ଅଥର୍ବ ମଧ୍ୟ ଅନୁରୂପ ସୂଚନା ପ୍ରଦାନ କରନ୍ତି । ***ଉପନିଷଦ***ସମୂହ ଆମ ପୂର୍ବଜଙ୍କ ଦାର୍ଶନିକ ଚିନ୍ତନ ସମ୍ବନ୍ଧରେ ଅବଗତ କରାନ୍ତି । ଆପଣ ନିଶ୍ଚୟ ଜାଣିଥିବେ ଯେ ରାମାୟଣ ଓ ମହାଭାରତ ଭାରତର ଦୁଇଟି ମହାନତମ ମହାକାବ୍ୟ । ଏ ଦୁଇ ମହାକାବ୍ୟ ପରବର୍ତ୍ତୀ ବୈଦିକ ଆର୍ଯ୍ୟମାନଙ୍କ ସାମାଜିକ ଓ ରାଜନୀତିକ ଜୀବନ ବର୍ଣ୍ଣନା କରନ୍ତି । ପୁରାଣଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଆପଣ ଜାଣନ୍ତି କି ପୁରାଣର ସଂଖ୍ୟା କେତେ ? ପୁରାଣ ମୋଟ ଅଠରଟି । ସେ ମଧ୍ୟରୁ ପାଞ୍ଚୋଟି ମତ୍ସ୍ୟ, ବାୟୁ, ଭବିଷ୍ୟ, ବିଷ୍ଣୁ ଓ ଭାଗବତ ପୁରାଣ ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି ପୁରାଣଗୁଡ଼ିକ ହର୍ଯ୍ୟଙ୍କ, ଶିଶୁନାଗ, ନନ୍ଦ, ମୌର୍ଯ୍ୟ ଆଦି ବିଭିନ୍ନ ଭାରତୀୟ ବଂଶର ତାଲିକା ପ୍ରଦାନ କରନ୍ତି ।

ବୌଦ୍ଧ ଓ ଜୈନ ସାହିତ୍ୟଗୁଡ଼ିକ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ***ଜାତକ*** କଥାଗୁଡ଼ିକ ସମକାଳୀନ ସମାଜର ବିବିଧ ବିଭାବ ଉପରେ ବହୁ ସୂଚନା ପ୍ରଦାନ କରନ୍ତି । ଦୀପବଂଶ, ମହାବଂଶ ଭଳି ପ୍ରଖ୍ୟାତ ବୌଦ୍ଧ ସାହିତ୍ୟ ବୌଦ୍ଧ ଧର୍ମର ଇତିହାସ ଉପରେ ଆଲୋକପାତ କରନ୍ତି । ମିଳିନ୍ଦପହ୍ନୋ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧଗ୍ରନ୍ଥ । ପ୍ରାଚୀନ ଜୈନ ସାହିତ୍ୟ ମଧ୍ୟରୁ *ଭଗବତୀ ସୂତ୍ର, କଳ୍ପସୂତ୍ର, ପରିଶିଷ୍ଟ ପର୍ବନ୍* ଆଦି ଉଲ୍ଲେଖଯୋଗ୍ୟ । *ଭଗବତୀ ସୂତ୍ର*ରେ ଖ୍ରୀ.ପୂ. *୬ଷ୍ଠ* ଶତାବ୍ଦୀର *ଷୋଡ଼ଶ ମହାଜନପଦ*(ଷୋହଳଟି ବୃହତ୍ ରାଜ୍ୟ)ର ନାମ ମିଳେ । ଭଦ୍ରବାହୁ ରଚିତ *କଳ୍ପସୂତ୍ର ତୀର୍ଥଙ୍କର* ରୂପେ ଅଭିହିତ ଭଗବାନ ମହାବୀରଙ୍କ ସମେତ ଅନ୍ୟ ଜୈନ ଧର୍ମୀୟ ପ୍ରମୁଖମାନଙ୍କ କାହାଣୀ ବର୍ଣ୍ଣନା କରେ । ହେମଚନ୍ଦ୍ରଙ୍କ *ପରିଶିଷ୍ଟ ପର୍ବନ୍*ରୁ ମୌର୍ଯ୍ୟ ଯୁଗ ସମ୍ବନ୍ଧରେ ବିଭିନ୍ନ ସୂଚନା ମିଳେ ।

ଏସବୁ ଧର୍ମ ଗ୍ରନ୍ଥ ସଙ୍ଗକୁ ପ୍ରାଚୀନ ଭାରତରେ ବହୁ ଧର୍ମନିରପେକ୍ଷ ଗ୍ରନ୍ଥ ଲେଖାଯାଇଛି । ପାଣିନିଙ୍କ ***ଅଷ୍ଟାଧ୍ୟାୟୀ,*** ପତଞ୍ଜଳିଙ୍କ ***ମହାଭାଷ୍ୟ,*** କୌଟଲ୍ୟଙ୍କ ***ଅର୍ଥଶାସ୍ତ୍ର,*** ଭାସଙ୍କ ***ସ୍ୱପ୍ନବାସବଦତ୍ତାମ୍,*** ଶୂଦ୍ରକଙ୍କ ***ମୃଚ୍ଛକଟିକମ୍,*** କାଳିଦାସଙ୍କ ***ଅଭିଜ୍ଞାନ ଶାକୁନ୍ତଳମ୍, ରଘୁବଂଶମ୍, କୁମାରସମ୍ଭବମ୍ ଓ ମାଳବିକାଗ୍ନିମିତ୍ରମ୍,*** ବିଶାଖଦତ୍ତଙ୍କ ***ମୁଦ୍ରାରାକ୍ଷସ*** ଓ ***ଦେବୀଚନ୍ଦ୍ରଗୁପ୍ତମ୍*** ଆଦି ଏ ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ । ଏ ସମସ୍ତ ସାହିତ୍ୟ କୃତି ସମକାଳୀନ ଭାରତର ସାମାଜିକ, ରାଜନୀତିକ, ଆର୍ଥନୀତିକ ଓ ଧର୍ମୀୟ ଜୀବନ ଶୈଳୀ ସମ୍ବନ୍ଧରେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରେ ।

ଆମେ ଭାଗ୍ୟବାନ ଯେ ପ୍ରାଚୀନ ଭାରତରେ ସ୍ୱଳ୍ପ ହେଲେ ମଧ୍ୟ କିଛି ବିଜ୍ଞାନ ସାହିତ୍ୟ ଲେଖାଯାଇଛି ଯାହା ସେ ସମୟର ବୈଜ୍ଞାନିକ କ୍ରିୟାକଳାପର ଝଲକ ପ୍ରଦାନ କରେ । ଏଇ ଉତ୍ସଗୁଡ଼ିକରୁ ଜଣାଯାଏ ଯେ ପ୍ରାଚୀନ କାଳରେ ଭାରତ ଜ୍ୟୋତିର୍ବିଜ୍ଞାନ, ଗଣିତ ଓ ଚିକିତ୍ସା ବିଜ୍ଞାନରେ ଯଥେଷ୍ଟ ପ୍ରଗତି କରିଥିଲା । ବରାହମିହିରଙ୍କ ***ପଞ୍ଚସିଦ୍ଧାନ୍ତ*** ଭାରତୀୟ ଜ୍ୟୋତିର୍ବିଜ୍ଞାନରେ ବାଇବଲ ରୂପେ ସମ୍ମାନିତ । ଆର୍ଯ୍ୟଭଟ୍ଟ ***ଦଶଗୀତିକା ସୂତ୍ର, ଆର୍ଯ୍ୟାଷ୍ଟଶତ, ଆର୍ଯ୍ୟଭଟ୍ଟୀୟ*** ଆଦି ମହାନ ଜ୍ୟୋତିର୍ବିଜ୍ଞାନ ଗ୍ରନ୍ଥର ପ୍ରଣେତା । ଚରକଙ୍କ ***ଚରକସଂହିତା*** ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ । ବିଜ୍ଞାନର ବିଭିନ୍ନ ଶାଖା ସମ୍ବନ୍ଧରେ ଲେଖାଯାଇଥିଲେ ମଧ୍ୟ ଏସବୁ ଗ୍ରନ୍ଥର ଅବଦାନ ଆମର ଇତିହାସ ଜ୍ଞାନ ପାଇଁ ଖୁବ୍ ଅଧିକ ।

**ଆସନ୍ତୁ ଜାଣିବା**

ଆର୍ଯ୍ୟଭଟ୍ଟ ପ୍ରାଚୀନ ଭାରତର ସର୍ବାଧିକ ଖ୍ୟାତ ଜ୍ୟୋତିର୍ବିଜ୍ଞାନୀ । ଜ୍ୟୋତିର୍ବିଜ୍ଞାନକୁ ଗଣିତ ସହ ଯୋଡ଼ି ପ୍ରାଚୀନ ଭାରତରେ ସେ ଜ୍ୟୋତିର୍ବିଜ୍ଞାନ ଅଧ୍ୟୟନରେ ଏକ ନୂତନ ଯୁଗର ସୂତ୍ରପାତ କଲେ । ପୃଥିବୀ ସୂର୍ଯ୍ୟ ଚାରିପଟେ ପରିକ୍ରମଣ କରେ ଘୋଷଣା କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ଜ୍ୟୋତିର୍ବିଜ୍ଞାନୀ । ସେ ମଧ୍ୟ ଚନ୍ଦ୍ରଗ୍ରହଣର ବୈଜ୍ଞାନିକ ବ୍ୟାଖ୍ୟା ପ୍ରଦାନ କରିଛନ୍ତି । ଆର୍ଯ୍ୟଭଟ୍ଟ ପୁଣି ସୌରବର୍ଷ ୩୬୫ ଦିନ ବୋଲି ଗଣନା କରିଛନ୍ତି । ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଆର୍ଯ୍ୟଭଟ୍ଟ ଭାରତର ନିଉଟନ ରୂପେ ପରିଗଣିତ ହୁଅନ୍ତି ।

***ଜୀବନୀଲେଖ***ଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଜୀବନୀ ସାହିତ୍ୟ ସମୂହ ମୁଖ୍ୟତଃ ଦରବାରୀ କବିମାନଙ୍କ ଦ୍ୱାରା ରାଜାମାନଙ୍କ ଉପରେ ରଚିତ । ଦରବାରୀ କବିମାନଙ୍କ ଦ୍ୱାରା ରଚିତ ହୋଇଥିବାରୁ ଏଗୁଡ଼ିକ ସ୍ୱଭାବତଃ ଅତିରଞ୍ଜନରେ ପରିପୂର୍ଣ୍ଣ । ତଥାପି ଖୁଣ୍ଟିନାଣ୍ଟି ପରୀକ୍ଷା କଲେ ଏସବୁରୁ ଯଥେଷ୍ଟ ଐତିହାସିକ ସୂଚନା ମିଳେ । ବାଣଭଟ୍ଟଙ୍କ ***ହର୍ଷଚରିତ,*** ବିହ୍ଲଣଙ୍କ ***ବିକ୍ରମାଙ୍କଦେବଚରିତ,*** ବାକ୍‌ପତିରାଜଙ୍କ ***ଗଉଡ଼ବହୋ,*** ସନ୍ଧ୍ୟାକର ନନ୍ଦୀଙ୍କ ***ରାମଚରିତ*** ଆଦି ଜୀବନୀ ସାହିତ୍ୟର କେତୋଟି ମହତ୍ୱପୂର୍ଣ୍ଣ ଉଦାହରଣ ।

ଆମ ଦେଶର ବିଭିନ୍ନ ଅଞ୍ଚଳରେ ଲିଖିତ ***ସ୍ଥାନୀୟ ଇତିହାସ*** ସବୁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଏସବୁ ସ୍ଥାନୀୟ ଇତିହାସ ମଧ୍ୟରେ ନିଃସନ୍ଦେହରେ ସର୍ବାଧିକ ପ୍ରାମାଣିକ କୃତି ହେଉଛି କାଶ୍ମୀରର ଇତିହାସ ଉପରେ ରଚିତ କହ୍ଲଣଙ୍କ ***ରାଜତରଙ୍ଗିଣୀ*** । ସମ୍ଭବତଃ ଏହା ଭାରତର ପ୍ରଥମ ଇତିହାସ ଗ୍ରନ୍ଥ । ଏ ଗ୍ରନ୍ଥ ରଚନା କାଳରେ କହ୍ଲଣ ଉପଲବ୍ଧ ସମସ୍ତ ଐତିହାସିକ ତଥ୍ୟର ପରୀକ୍ଷା ପାଇଁ ଏକ ବୈଜ୍ଞାନିକ ମାର୍ଗ ଅନୁସରଣ କରିଛନ୍ତି । ***ରାଜତରଙ୍ଗିଣୀ*** କାଶ୍ମୀରର ଭାବୀ ଐତିହାସିକମାନଙ୍କ ଉପରେ ଗଭୀର ପ୍ରଭାବ ବିସ୍ତାର କରିଛି ଏବଂ ଏ ଗ୍ରନ୍ଥର ଆଦର୍ଶ ଅନୁସରଣରେ ଗୁଡ଼ିଏ କାଳାନୁକ୍ରମିକ ବିବରଣ ଲେଖାଯାଇଛି ।

ପ୍ରାଚୀନ ଭାରତୀୟ ଇତିହାସର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହେଉଛି ଦକ୍ଷିଣ ଭାରତର ***ସଙ୍ଗମ ସାହିତ୍ୟ*** । ***ସଙ୍ଗମ ସାହିତ୍ୟ*** ହେଉଛି ତାମିଲ କବିମାନଙ୍କ ସୃଷ୍ଟି । ତାମିଲ ଭାଷାରେ ***ସଙ୍ଗମ***ର ଅର୍ଥ

ହେଉଛି କବିମାନଙ୍କ ମିଳନ । ***ସଙ୍ଗମ*** ସାହିତ୍ୟ ଦକ୍ଷିଣ ଭାରତର ସାମାଜିକ, ରାଜନୀତିକ, ଆର୍ଥନୀତିକ ଓ ଧର୍ମୀୟ ସ୍ଥିତି ସମ୍ବନ୍ଧରେ ପର୍ଯ୍ୟାପ୍ତ ସୂଚନା ପ୍ରଦାନ କରେ । ***ମଣିମେକଲୈ, କୁରଳ ଓ ଶିଳପ୍ପାଦିକାରମ୍*** ଆଦି ଏଇ ପ୍ରାଚୁର୍ଯ୍ୟମୟ ସାହିତ୍ୟିକ ଯୁଗର କେତୋଟି ମହତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ।

**ପ୍ରଗତି ପରୀକ୍ଷଣ**

**ପ୍ରଶ୍ନ ୧.** ଭାରତର ପ୍ରାଚୀନ ସାହିତ୍ୟ ସ୍ୱଭାବତଃ କ'ଣ ?

..........................................................................................

**ପ୍ରଶ୍ନ ୨.** ପ୍ରାଚୀନତମ ଭାରତୀୟ ସାହିତ୍ୟର ନାମ ଲେଖ ।

..........................................................................................

**ପ୍ରଶ୍ନ ୩.** ମିଳିନ୍ଦପହ୍ନୋ ସମ୍ବନ୍ଧରେ ଆପଣ କ'ଣ ଜାଣନ୍ତି ?

..........................................................................................

**ପ୍ରଶ୍ନ ୪.** ପଞ୍ଚସିଦ୍ଧାନ୍ତର ଲେଖକ କିଏ ?

..........................................................................................

### ୧.୪.୨ ବୈଦେଶିକ ସାହିତ୍ୟ

ବୈଦେଶିକ ସାହିତ୍ୟର ବିବିଧତା ଦୃଷ୍ଟିରୁ ଭାରତ ସୌଭାଗ୍ୟଶାଳୀ । ସାଧାରଣତଃ ବିଭିନ୍ନ ଉଦ୍ଦେଶ୍ୟରେ ଭାରତକୁ ଆସି ବିଦେଶୀମାନେ ଛାଡ଼ିଯାଇଥିବା ଭ୍ରମଣ ବିବରଣୀ ବୈଦେଶିକ ସାହିତ୍ୟର ଅନ୍ତର୍ଭୁକ୍ତ । କିନ୍ତୁ ହେରୋଡଟସ୍ ଓ ତାରାନାଥଙ୍କ ଭଳି କେତେକ ଐତିହାସିକ ମଧ୍ୟ ଅଛନ୍ତି ଯେଉଁମାନେ କେବେ ଭାରତ ଆସି ନାହାନ୍ତି ଅଥଚ ସେମାନଙ୍କ ଲେଖାରେ ବିଭିନ୍ନ ସୂତ୍ରରୁ ସଂଗ୍ରହ କରିଥିବା ବହୁ ସୂଚନା ରହିଛି । ହେରୋଡଟସ୍ ଜଣେ ଗ୍ରୀକ୍ ଐତିହାସିକ । ଇତିହାସ ଲିଖନରେ ଅଗ୍ରଣୀ ଭୂମିକା ହେତୁ ତାଙ୍କୁ 'ଇତିହାସର ଜନକ' କୁହାଯାଏ । ତାରାନାଥ ଜଣେ ତିବ୍‌ବତୀୟ ଐତିହାସିକ । ତାଙ୍କ ରଚିତ ଗ୍ରନ୍ଥ ***ଦୁଲ୍ୱା*** ଓ ***ତାଙ୍ଗ୍ୟୁର*** ବୌଦ୍ଧଧର୍ମର ଇତିହାସର ଗୁରୁତ୍ୱପୂର୍ଣ୍ଣ ଉତ୍ସ ।

ଗ୍ରୀକ୍‌ମାନେ ହେଉଛନ୍ତି ଭାରତ ପରିଦର୍ଶନ କରିଥିବା ପ୍ରଥମ ବୈଦେଶିକ ଲେଖକ । ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ ଭାରତ ଗ୍ରୀକ୍ ସମ୍ବନ୍ଧରେ ଏକ ନୂତନ ଯୁଗ ଉନ୍ମୋଚନ କଲା ।

ଏଇ ଶକ୍ତିଶାଳୀ ଗ୍ରୀକ୍ ବିଜେତାଙ୍କ ସହ ନିଅର୍କସ, ଅନିସିକ୍ରିଟସ୍ ଆଦି ବହୁ ଐତିହାସିକ ଭାରତ ଆସିଥିଲେ । ଏମାନେ ଆଲେକ୍‌ଜାଣ୍ଡରଙ୍କ ଦିଗ୍‌ବିଜୟ ବିବରଣ ସମେତ ଉତ୍ତର-ପଶ୍ଚିମ ଭାରତ ସମ୍ବନ୍ଧରେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଲିପିବଦ୍ଧ କରିଯାଇଛନ୍ତି । କିନ୍ତୁ ମେଗାସ୍ଥିନିସ୍ ହେଉଛନ୍ତି ସବୁଠାରୁ ଉଲ୍ଲେଖନୀୟ ଗ୍ରୀକ୍ ଐତିହାସିକ । ସେ ଥିଲେ ମୌର୍ଯ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ଦରବାରରେ ଗ୍ରୀକ୍ ସେନାପତି ସେଲ୍ୟୁକସ୍‌ଙ୍କ ରାଜଦୂତ । ଭାରତ ଉପରେ ତାଙ୍କ ରଚିତ ପୁସ୍ତକ ***ଇଣ୍ଡିକାର*** ଐତିହାସିକ ମୂଲ୍ୟ ବିପୁଳ । ଅନ୍ୟ ଗୁରୁତ୍ୱପୂର୍ଣ୍ଣ ରଚନା ମଧ୍ୟରେ ସର୍ବାଧିକ ମହତ୍ୱପୂର୍ଣ୍ଣ ହେଉଛି ଟଲେମିଙ୍କ ***ଭୂଗୋଳ*** ଓ ପ୍ଲିନୀଙ୍କ ***ପ୍ରାକୃତିକ ଇତିହାସ*** । ଅଜ୍ଞାତ ଗ୍ରୀକ୍ ନାବିକଙ୍କ ରଚିତ ***ପେରିପ୍ଲସ୍ ଅଫ୍ ଦ ଏରିଥ୍ରିଆନ୍ ସି*** ହେଉଛି ପ୍ରଥମ ଶତାବ୍ଦୀର ଭାରତର ବନ୍ଦର, ପୋତାଶ୍ରୟ ଓ ବାଣିଜ୍ୟିକ ଜୀବନ ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ଏକ ଅପରିହାର୍ଯ୍ୟ ଗ୍ରନ୍ଥ ।

ଚୈନିକ ତୀର୍ଥଯାତ୍ରୀମାନେ ବୌଦ୍ଧଧର୍ମ ସମ୍ବନ୍ଧରେ ଅଧ୍ୟୟନ ପାଇଁ ଏହାର ଜନ୍ମଭୂମି ଭାରତବର୍ଷକୁ ଆସିଥିଲେ । ଗୁପ୍ତ ସମ୍ରାଟ ଚନ୍ଦ୍ରଗୁପ୍ତ ୨ୟଙ୍କ ରାଜତ୍ୱ କାଳରେ ଫାହିଆନ୍ ଭାରତ ପରିଦର୍ଶନରେ ଆସି ପ୍ରାୟ ପନ୍ଦର ବର୍ଷ ଏଠାରେ ଅତିବାହିତ କରିଥିଲେ । ସେ ତାଙ୍କ ପରିଦର୍ଶନର ଏକ ବିଶଦ ବର୍ଣ୍ଣନାମୂଳକ ବିବରଣ ଛାଡ଼ିଯାଇଛନ୍ତି । ଇସିଂ ହେଉଛନ୍ତି ଅନ୍ୟତମ ପ୍ରଖ୍ୟାତ ଚୈନିକ ପରିବ୍ରାଜକ । ସେ ଭାରତରେ ବୌଦ୍ଧଧର୍ମ ସମ୍ବନ୍ଧରେ ଅନେକ ପୁସ୍ତକ ରଚନା କରିଛନ୍ତି । କିନ୍ତୁ ହୁଏନ୍‌ସାଂ ହେଉଛନ୍ତି ନିଃସନ୍ଦେହରେ ଭାରତ ପରିଭ୍ରମଣରେ ଆସିଥିବା ସବୁଠାରୁ ପ୍ରଖ୍ୟାତ ବୌଦ୍ଧ ପଣ୍ଡିତ । ସେ ହର୍ଷବର୍ଦ୍ଧନଙ୍କ ରାଜତ୍ୱ କାଳରେ ଭାରତ ଆସିଥିଲେ । ସମଗ୍ର ଭାରତରେ ବିସ୍ତର ଭ୍ରମଣ କରି ହୁଏନ୍‌ସାଂ ଲେଖିଥିବା ଦିନଲିପି ***ସି-ୟୁ-କି*** ହେଉଛି ସେ ସମୟର ସାମାଜିକ ଓ ଧର୍ମୀୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ତାଙ୍କ ଚର୍ଚ୍ଚାର କେନ୍ଦ୍ରରେ ବୌଦ୍ଧଧର୍ମ ରହିଥିଲେ ମଧ୍ୟ ହୁଏନ୍‌ସାଂ ସମକାଳୀନ ଭାରତର ରାଜନୀତିକ ସ୍ଥିତି ସମ୍ବନ୍ଧରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଛାଡ଼ିଯାଇଛନ୍ତି । ଖ୍ରୀ. ଅଷ୍ଟମ ଶତାବ୍ଦୀରୁ ଭାରତ ପରିଦର୍ଶନରେ ଆସିଥିବା ମୁସଲମାନ ବିଦ୍ୱାନମାନଙ୍କ ଲେଖାଗୁଡ଼ିକ ମଧ୍ୟ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଗଜନୀର ସୁଲତାନ ମାମୁଦଙ୍କ ସହ ଅଲ୍‌ବେରୁଣି ଭାରତ ଆସିଥିଲେ । ତାଙ୍କ ରଚିତ ପୁସ୍ତକ ***ତହକିକ୍-ଇ-ହିନ୍ଦ***ରେ ସେ ହିନ୍ଦୁ ରୀତିନୀତି, ବିଜ୍ଞାନ ଓ ସାହିତ୍ୟର ସୁନ୍ଦର ବିବରଣୀ ପ୍ରଦାନ କରିଛନ୍ତି । ମିହ୍ନାଜୁଦ୍ଦିନ ସିରାଜଙ୍କ ***ତବକତ୍-ଇ-ନାସିରି*** ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କୃତି । ଅନ୍ୟ ମୁସଲମାନ ଲେଖକଙ୍କ ମଧ୍ୟରୁ ଅଲ୍‌ମସୁଦୀ, ନିଜାମୁଦ୍ଦିନ, ନିଜାମୀ ଆଦିଙ୍କ ନାମ ଉଲ୍ଲେଖନୀୟ ।

**ପ୍ରଗତି ପରୀକ୍ଷଣ**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୫.** ଇଣ୍ଡିକା କିଏ ଲେଖିଥିଲେ ?

........................................................................................................

**ପ୍ରଶ୍ନ ୬.** ତାରାନାଥ ଲେଖିଥିବା ପୁସ୍ତକଗୁଡ଼ିକର ନାମ ଲେଖ ।

........................................................................................................

**ପ୍ରଶ୍ନ ୭.** ନିଅର୍କସ, ଅନିସିକ୍ରିଟସ୍ କାହା ସହ ଭାରତ ଆସିଥିଲେ ?

........................................................................................................

**ପ୍ରଶ୍ନ ୮.** ଗଉଡ଼ବହୋର ଲେଖକ କିଏ ?

........................................................................................................

**ପ୍ରଶ୍ନ ୯.** ଅଲ୍‌ମସୁଦୀ କିଏ ?

........................................................................................................

## ୧.୫ ପ୍ରତ୍ନତାତ୍ତ୍ୱିକ ଉତ୍ସ

ପ୍ରତ୍ନତତ୍ତ୍ୱ ଇତିହାସ ଲିଖନ କଳାର ମେରୁଦଣ୍ଡ ସ୍ୱରୂପ । ଏହା ଆମ ଅତୀତର ବାସ୍ତବ ଚିତ୍ର ପ୍ରଦାନ କରେ । ଏହାର ତିନୋଟି ଶାଖା- ଅଭିଲେଖ ବା ଖୋଦିତ ଲିପି*(inscription)*ର ଅଧ୍ୟୟନ ବା ଅଭିଲେଖ ବିଦ୍ୟା *(epigraphy)*, ମୁଦ୍ରା*(coin)*ତତ୍ତ୍ୱ *(numismatic)* ଓ ଭୌତିକ ଅବଶେଷ ବା ସ୍ମାରକ *(monuments)* ।

### ୧.୫.୧ ଅଭିଲେଖ

ଆପଣ ଜାଣନ୍ତି କି 'ଅଭିଲେଖ' ଶବ୍ଦଟିର ଅର୍ଥ କ'ଣ ? ଅଭିଲେଖ ହେଉଛି ଶାସନକର୍ତ୍ତା ରାଜା ଅଥବା ବେଳେବେଳେ ତାଙ୍କ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତର, ସ୍ତମ୍ଭ ଅଥବା ଗୁମ୍ଫାରେ ଖୋଦିତ ଲେଖା । ବିଜୟ ଉତ୍ସବର ସ୍ମୃତିରକ୍ଷା, ପ୍ରାଶାସନିକ ଆଦେଶ ଘୋଷଣା ଅଥବା କୌଣସି ଅନୁଷ୍ଠାନକୁ ଜମି ବା ସମ୍ପତ୍ତି ଦାନ ଆଦି ବିବିଧ ଉଦ୍ଦେଶ୍ୟରେ ରାଜାମାନେ ଅଭିଲେଖ ଖୋଦନର ଆଦେଶ ଦେଉଥିଲେ ।

ବେଳେବେଳେ ଅଭିଲେଖ ସବୁ ଧର୍ମୀୟ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହୃତ ହେଉଥିଲା । ଅଭିଲେଖଗୁଡ଼ିକ ***ଶାସନାବଳୀ*** ନାମରେ ପରିଚିତ ।

***ଚିତ୍ର ୧.୧ ସ୍ତମ୍ଭ ଅଭିଲେଖ***



***(ଉତ୍ସ: ଗୁଗଲ୍)***

ଐତିହାସିକ ଉତ୍ସ ଭାବେ ଅଭିଲେଖଗୁଡ଼ିକର ମୂଲ୍ୟ ଢେର୍ ଅଧିକ । ଅଭିଲେଖଗୁଡ଼ିକ ସେଇ ନିର୍ଦ୍ଦିଷ୍ଟ ସମୟର ସାମାଜିକ, ରାଜନୀତିକ, ଧର୍ମୀୟ, ପ୍ରାଶାସନିକ ଓ ବାଣିଜ୍ୟିକ ସ୍ଥିତି ସମ୍ବନ୍ଧରେ ବହୁ ମହତ୍ତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରନ୍ତି । ବେଳେବେଳେ ଅଭିଲେଖରେ ରହିଥିବା ତାରିଖ ପରବର୍ତ୍ତୀ କାଳର ଐତିହାସିକମାନଙ୍କୁ ସେଇ ରାଜାଙ୍କ ଶାସନକାଳ ନିର୍ଭୁଲ ଭାବେ ନିରୂପଣ କରିବାରେ ଯଥେଷ୍ଟ ସହାୟକ ହୁଏ । ଅଭିଲେଖଗୁଡ଼ିକ ସଂପୃକ୍ତ ଶାସକଙ୍କ ନୀତି ଓ ସଫଳତା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରଚଳିତ ଭାଷା ଉପରେ ଆଲୋକପାତ କରନ୍ତି । ସେଗୁଡ଼ିକ ପ୍ରାକୃତ, ସଂସ୍କୃତ, ତାମିଲ, ତେଲୁଗୁ ଆଦି ସମସ୍ତ ଭାଷାରେ ଲିଖିତ ।

ପୂର୍ବ ଆଲୋଚନାରୁ ଆମେ ଅବଗତ ହେଲେ ଯେ ଅଭିଲେଖଗୁଡ଼ିକ ବିସ୍ତର ସୂଚନା ଯୋଗାଇବାରେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ସେଇଥିପାଇଁ ଐତିହାସିକମାନେ ଅଭିଲେଖଗୁଡ଼ିକୁ ଏକ

ଅମୂଲ୍ୟ ଉତ୍ସ ରୂପେ ବିବେଚନା କରନ୍ତି । ଏପରିକି ଅପର ଉତ୍ସରୁ ପ୍ରାପ୍ତ ସୂଚନାଗୁଡ଼ିକ ***ଆଭିଲେଖିକ*** ସାକ୍ଷ୍ୟ ଦ୍ୱାରା ସମର୍ଥିତ ହେଲେ ହିଁ ଗ୍ରହଣଯୋଗ୍ୟ ବିବେଚିତ ହୁଅନ୍ତି ।

ଭାରତୀୟ ଅଭିଲେଖଗୁଡ଼ିକ ମଧ୍ୟରେ ଅଶୋକଙ୍କ ଅଭିଲେଖ ସମୂହ ସଂଖ୍ୟା ଦୃଷ୍ଟିରୁ ଯେପରି ଅଧିକ ଐତିହାସିକ ମୂଲ୍ୟ ଦୃଷ୍ଟିରୁ ସେପରି ଅତୁଳ ମୂଲ୍ୟ ସମ୍ପନ୍ନ । ବୁଦ୍ଧଙ୍କ ବାଣୀର ପ୍ରଚାର ପାଇଁ ଅଶୋକ ବହୁ ଅନୁଶାସନ ଲେଖାଇଛନ୍ତି । ସେଗୁଡ଼ିକ ଶିଳା, ସ୍ତମ୍ଭ ଏବଂ ଗୁହା ପ୍ରାଚୀରରେ ଖୋଦିତ ହୋଇଛି । ସେସବୁରୁ ଏଇ ମହାନ ମୌର୍ଯ୍ୟ ସମ୍ରାଟଙ୍କ ଧର୍ମୀୟ ଉତ୍ସାହ ସମ୍ବନ୍ଧରେ ଆମକୁ ସୂଚନା ମିଳେ । ଆଜି ମଧ୍ୟ ସେଗୁଡ଼ିକ ମୌର୍ଯ୍ୟ ଯୁଗର ଇତିହାସ ସମ୍ବନ୍ଧରେ ସର୍ବାଧିକ ମହତ୍ୱପୂର୍ଣ୍ଣ ଉତ୍ସ ।

ମୌର୍ଯ୍ୟୋତ୍ତର ଯୁଗର ଶାସକମାନେ ମଧ୍ୟ ଅଭିଲେଖ ଲେଖାଇବାର ଅଶୋକୀୟ ପରମ୍ପରା ଆଗ୍ରହର ସହ ଅନୁସରଣ କରିଛନ୍ତି । ସେଇ ସମୟର ବହୁ ଶତ ଅଭିଲେଖ ମିଳେ ଯେଉଁଥିରୁ ଆମକୁ ଯଥେଷ୍ଟ ପ୍ରୟୋଜନୀୟ ସୂଚନା ମିଳେ । ଏ ଦୃଷ୍ଟିରୁ ସବୁଠାରୁ ଉଲ୍ଲେଖନୀୟ ହେଉଛି ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତଙ୍କ ***ଆହ୍ଲାବାଦ ସ୍ତମ୍ଭ ଅଭିଲେଖ*** । ଏହା ସମୁଦ୍ରଗୁପ୍ତଙ୍କ ଦିଗ୍‌ବିଜୟ ସମ୍ବନ୍ଧରେ ପ୍ରଭୂତ ଆଲୋକ ସମ୍ପାତ କରେ । ସମ୍ରାଟ ଖାରବେଳଙ୍କ ***ହାତୀଗୁମ୍ଫା ଶିଳାଲେଖ*** କଳିଙ୍ଗର ଇତିହାସ ସମ୍ବନ୍ଧରେ ଆମକୁ ସୂଚନା ପ୍ରଦାନ କରେ । ଚାଲୁକ୍ୟ ରାଜା ପୁଲକେଶୀ ୨ୟଙ୍କ ***ଐହୋଲ ସ୍ତମ୍ଭ ଅଭିଲେଖ*** ଏକ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦଲିଲ । ରୁଦ୍ରଦମନଙ୍କ ***ଜୁନାଗଡ଼ ଶିଳାଲେଖ,*** ସ୍କନ୍ଦଗୁପ୍ତଙ୍କ ***ଭିତରି ସ୍ତମ୍ଭଲେଖ*** ଆଦି ଅନୁରୂପ ଭାବେ ଗୁରୁତ୍ୱପୂର୍ଣ୍ଣ ।

ଏଇସବୁ ଅଭିଲେଖ ସଙ୍ଗକୁ ଭୂଦାନ ଆକାରରେ ଆଉ କେତେକ ସାର୍ବଜନୀନ ଦଲିଲ ମିଳେ । ***ଭୂଦାନ*** କ'ଣ ? ପ୍ରାଚୀନ ଭାରତରେ ରାଜାମାନେ ବ୍ରାହ୍ମଣ ଏବଂ ଧର୍ମୀୟ ଅନୁଷ୍ଠାନମାନଙ୍କୁ ଜମି ଦାନ କରୁଥିଲେ । ଭୂମି ଦାନର ଅଂଶ ବିଶେଷ ଭାବେ ରାଜାମାନେ ସାଧାରଣତଃ ତାମ୍ର ଫଳକରେ ଅଭିଲେଖମାନ ଲେଖାଉଥିଲେ । ତାମ୍ର ଫଳକରେ ଲିଖିତ ଏଇ ଅଭିଲେଖଗୁଡ଼ିକରେ ଶାସନକର୍ତ୍ତା ରାଜା, ତାଙ୍କ ବଂଶବୃକ୍ଷ, ଅଧିକାରୀମାନଙ୍କ ନାମ, ଦାନ କରାଯାଉଥିବା ଜମି, ଗ୍ରହୀତା ବ୍ୟକ୍ତି ଅଥବା ଅନୁଷ୍ଠାନର ନାମ ସମ୍ବନ୍ଧରେ ସୂଚନା ରହୁଥିଲା । ଏଗୁଡ଼ିକ ବାସ୍ତବରେ ପ୍ରାସଙ୍ଗିକ ସୂଚନାର ଗନ୍ତାଘର ।

### ୧.୫.୨ ମୁଦ୍ରା

ମୁଦ୍ରାଗୁଡ଼ିକ ଭାରତର ଇତିହାସ ସମ୍ବନ୍ଧରେ ପ୍ରାମାଣିକ ସୂଚନାର ଏକ ପ୍ରମାଣସିଦ୍ଧ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ସେଗୁଡ଼ିକ ପ୍ରାଚୀନ ଭାରତର ସମକାଳୀନ ସାମାଜିକ, ସାଂସ୍କୃତିକ, ରାଜନୀତିକ ଓ ଆର୍ଥନୀତିକ ସ୍ଥିତି ଅଧ୍ୟୟନ ପାଇଁ ମହତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ଉତ୍ସ । ଭାରତର ବିଭିନ୍ନ ଅଂଶରୁ ଭିନ୍ନ ଭିନ୍ନ ଶାସକଙ୍କ ବହୁ ସହସ୍ର ମୁଦ୍ରା ମିଳିଛି ।

ମୁଦ୍ରାଗୁଡ଼ିକରୁ ସଂପୃକ୍ତ ରାଜାଙ୍କ ନାମ, ତାରିଖ, ଉପାଧି, ରାଜକୀୟ ରୂପଚିତ୍ର, ପୂଜିତ ଦେବାଦେବୀଙ୍କ ଛବି ଆଦି ମିଳେ । ମୁଦ୍ରାଗୁଡ଼ିକରୁ ମିଳୁଥିବା ସୂଚନା ଆଧାରରେ ସଂପୃକ୍ତ ଶାସକମାନଙ୍କ ଇତିହାସର ନିର୍ଭୁଲ ଧାରଣା ଗଠନ କରିବା ସମ୍ଭବ ହୁଏ । ଉଦାହରଣ ସ୍ୱରୂପ ମୁଦ୍ରାରେ ମିଳୁଥିବା ପୂଜିତ ଦେବାଦେବୀଙ୍କ ଛବି ସଂପୃକ୍ତ ଶାସକଙ୍କ ଧର୍ମୀୟ ପ୍ରବୃତ୍ତି ସୂଚାଏ । ମୁଦ୍ରାରୁ ଆମେ ସଂପୃକ୍ତ ରାଜ୍ୟର ଆର୍ଥିକ ଉନ୍ନତି ସମ୍ବନ୍ଧରେ ଜାଣିପାରୁ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉତ୍କୃଷ୍ଟ ମାନର ସୁନା ଓ ରୂପା ମୁଦ୍ରାର ପ୍ରାଚୁର୍ଯ୍ୟ ସହଜରେ ସେଇ ରାଜ୍ୟର ଆର୍ଥିକ ସମ୍ପନ୍ନତାକୁ ସୂଚାଏ । ତେଣୁ ଐତିହାସିକ ରମେଶ ଚନ୍ଦ୍ର ମଜୁମଦାର ଯଥାର୍ଥରେ କହିଛନ୍ତି: 'ଏକ ଦେଶର ଆର୍ଥିକ ସ୍ଥିତିର ଅଧ୍ୟୟନ ପାଇଁ ***ମୁଦ୍ରାତତ୍ତ୍ୱ***ର ସୁସ୍ପଷ୍ଟ ଗୁରୁତ୍ୱ ପୁଙ୍ଖାନୁପୁଙ୍ଖ ବିଚାର ଆବଶ୍ୟକ କରେ ।' ସେହିଭଳି କଳାତ୍ମକ ନକ୍ସା, ଆକାର ଓ ମୁଦ୍ରାର ପ୍ରକାର ଏକ ନିର୍ଦ୍ଦିଷ୍ଟ ସମୟର ଧାର୍ମିକ ଓ ସାଂସ୍କୃତିକ ପ୍ରଗତିର ସୂଚକ । ଦକ୍ଷିଣ ଭାରତର ବିଭିନ୍ନ ଅଂଶରୁ ଖ୍ରୀ. ୧ମ ଶତାବ୍ଦୀର କେତେକ ରୋମୀୟ ମୁଦ୍ରା ମିଳିଛି । ଏଇ ମୁଦ୍ରାଗୁଡ଼ିକ ନିଃସନ୍ଦେହରେ ପ୍ରାଚୀନ ରୋମ ସାମ୍ରାଜ୍ୟ ସହ ଭାରତର ବାଣିଜ୍ୟିକ ସମ୍ପର୍କ ପ୍ରମାଣ କରେ ।

***ଚିତ୍ର ୧.୨ ଗୁପ୍ତ ମୁଦ୍ରା***



***(ଉତ୍ସ: ଗୁଗଲ୍)***

### ୧.୫.୩ ଭୌତିକ ଅବଶେଷ

ସ୍ମାରକ ଓ ଭାସ୍କର୍ଯ୍ୟ ସମେତ ପ୍ରତ୍ନତାତ୍ତ୍ୱିକ ଅବଶେଷରେ ଭାରତ ସମ୍ପନ୍ନ । ସ୍ମାରକର ଅର୍ଥ ପ୍ରଖ୍ୟାତ ସ୍ଥଳ ଅଥବା ଐତିହାସିକ ଗୁରୁତ୍ୱ ସମ୍ପନ୍ନ ସ୍ଥାପତ୍ୟ । ପ୍ରାଚୀନ ଅଟ୍ଟାଳିକା, ମନ୍ଦିର, ***ବିହାର, ସ୍ତୂପ,*** ବିବିଧ ଦେବାଦେବୀଙ୍କ ମୂର୍ତ୍ତିର ଅବଶେଷ ଆଦି ଏହାର ଅନ୍ତର୍ଭୁକ୍ତ ।

ପ୍ରାଚୀନ ଭାରତୀୟ ଇତିହାସର ପ୍ରାଚୀନତମ ସ୍ମାରକୀୟ ଉତ୍ସ ନିଃସନ୍ଦେହରେ ହରପ୍ପା ବା ସିନ୍ଧୁ ଉପତ୍ୟକା ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଅବଶେଷ । ସିନ୍ଧୁ ଉପତ୍ୟକାର ଅବଶେଷ ଏକ ପ୍ରାକ୍-ଆର୍ଯ୍ୟ ସମୃଦ୍ଧ ସଭ୍ୟତାର ଅବସ୍ଥିତି ସମ୍ବନ୍ଧରେ ଆମକୁ ସୂଚାଏ । ସେହିଭଳି ପ୍ରାଚୀନ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଆମ ପୂର୍ବଜଙ୍କ କଳାତ୍ମକ ଓ ସାଂସ୍କୃତିକ ପ୍ରଗତିର ବିବର୍ତ୍ତନ ବୁଝିବାରେ ଯଥେଷ୍ଟ ସହାୟକ ହୁଏ । ସ୍ମାରକଗୁଡ଼ିକର ଅଧ୍ୟୟନରୁ ବିଭିନ୍ନ କଳା ଶୈଳୀ, ତା'ର ବିକାଶ, ତା' ଉପରେ ବୈଦେଶିକ ପ୍ରଭାବର ପରିମାଣ ସମ୍ବନ୍ଧରେ ମଧ୍ୟ ସୂଚନା ମିଳେ ।

***ଚିତ୍ର ୧.୩ ଏକ ସ୍ମାରକ***



***(ଉତ୍ସ: ଗୁଗଲ୍)***

**ପ୍ରଗତି ପରୀକ୍ଷଣ**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧୦.** ହାତୀଗୁମ୍ଫା ଅଭିଲେଖ କାହା ସହ ସମ୍ବନ୍ଧିତ ?

.............................................................................................

**ପ୍ରଶ୍ନ ୧୧.** ଜୁନାଗଡ଼ ଶିଳାଲେଖ କାହା ସହ ସମ୍ବନ୍ଧିତ ?

.............................................................................................

**ପ୍ରଶ୍ନ ୧୨.** ପ୍ରତ୍ନତାତ୍ତ୍ୱିକ ଉତ୍ସର ବିଭିନ୍ନ ଶ୍ରେଣୀ ଲେଖନ୍ତୁ ।

.............................................................................................

**ପ୍ରଶ୍ନ ୧୩.** ଅଭିଲେଖଗୁଡ଼ିକ ପ୍ରାଚୀନ ଭାରତର ଇତିହାସ ଅଧ୍ୟୟନରେ ଆମକୁ କିଭଳି ସାହାଯ୍ୟ କରନ୍ତି ପ୍ରାୟ ୬୦ ଶବ୍ଦ ମଧ୍ୟରେ ଲେଖନ୍ତୁ ।

.............................................................................................

.............................................................................................

.............................................................................................

.............................................................................................

.............................................................................................

.............................................................................................

## ୧.୬ ସାରାଂଶ

ଏହି ଏକକ ଅଧ୍ୟୟନ କରି ଆପଣ ଜାଣିଲେ-

- ଇତିହାସ ଅଧ୍ୟୟନ ପାଇଁ ଉତ୍ସଗୁଡ଼ିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ
- ଉତ୍ସଗୁଡ଼ିକ ମୋଟାମୋଟି ଦୁଇ ଭାଗରେ ବିଭକ୍ତ; ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ
- ସାହିତ୍ୟିକ ଉତ୍ସ ପୁଣି ଦୁଇ ଭାଗରେ ବିଭକ୍ତ: ଦେଶୀୟ ଓ ବୈଦେଶିକ । ବେଦ, ମହାକାବ୍ୟ, ପୁରାଣ, ଉପନିଷଦ ଓ ଅନ୍ୟ ଧର୍ମଶାସ୍ତ୍ରଗୁଡ଼ିକ ପ୍ରାଚୀନ ଭାରତର ଇତିହାସ ଉପରେ ଯଥେଷ୍ଟ

ଆଲୋକପାତ କରନ୍ତି । ଏସବୁ ସମେତ ବୈଦେଶିକ ପରିବ୍ରାଜକମାନଙ୍କ ବିବରଣୀଗୁଡ଼ିକ ଆମ ଅତୀତର ପୁନର୍ଗଠନରେ ଆମକୁ ସହାୟକ ହୁଅନ୍ତି ।

- ପ୍ରତ୍ନତାତ୍ତ୍ୱିକ ଉତ୍ସଗୁଡ଼ିକ ଅଭିଲେଖ, ମୁଦ୍ରା ଓ ଭୌତିକ ଅବଶେଷ ଏପରି ତିନି ଭାଗରେ ଉପବିଭକ୍ତ । ଏସବୁ ଆମ ଅତୀତର ବାସ୍ତବ ଜ୍ଞାନ ପ୍ରଦାନ କରନ୍ତି । ଏ ବିବିଧ ଉତ୍ସ ଆମ ଦେଶର ଆଦି ଇତିହାସର ପୁନର୍ଗଠନରେ ଆମକୁ ସାହାଯ୍ୟ କରନ୍ତି ।

## ୧.୭ ପରବର୍ତ୍ତୀ ପଠନ

Majumdar, R.C., Raychaudhuri, H.C., Datta, K. (1986). An Advanced *History of India*. New Delhi, Macmillan India Ltd.

Maiti, P.(2001): *Studies in Ancient India*, Kolkata, Shreedhar Prakashani

Raychaudhuri, H.C. (1972). *Political History of Ancient India*. Calcutta, University of Kolkata

Sharma, L.P. (1981). *Ancient History of India (pre-historic Age* to 1200 A.D.). New Delhi, Vikas Publication House Pvt. Ltd.

Tripathi, Ramashankar (1999). *History of Ancient India*. Delhi, Motilal Banarsidass Publishers Pvt. Ltd.

## ୧.୮ ପ୍ରଗତି ପରିମାପକ ଉତ୍ତର

**ପ୍ରଶ୍ନ ୧ର ଉତ୍ତର:** ଧର୍ମୀୟ

**ପ୍ରଶ୍ନ ୨ର ଉତ୍ତର:** ଋକ୍‌ବେଦ

**ପ୍ରଶ୍ନ ୩ର ଉତ୍ତର:** ଏକ ମହତ୍ତ୍ୱପୂର୍ଣ୍ଣ ବୌଦ୍ଧଗ୍ରନ୍ଥ

**ପ୍ରଶ୍ନ ୪ର ଉତ୍ତର:** ବରାହମିହିର

**ପ୍ରଶ୍ନ ୫ର ଉତ୍ତର:** ଦୁଲ୍ୱା ଓ ତାଙ୍ଗ୍ୟୁର

**ପ୍ରଶ୍ନ ୬ର ଉତ୍ତର:** ମେଗାସ୍ଥିନିସ୍

**ପ୍ରଶ୍ନ ୭ର ଉତ୍ତର:** ଆଲେକ୍‌ଜାଣ୍ଡର

**ପ୍ରଶ୍ନ ୮ର ଉତ୍ତର:** ବାକ୍‌ପତିରାଜ

**ପ୍ରଶ୍ନ ୯ର ଉତ୍ତର:** ମୁସଲମାନ ଲେଖକ

**ପ୍ରଶ୍ନ ୧୦ର ଉତ୍ତର:** ସମ୍ରାଟ ଖାରବେଳ

**ପ୍ରଶ୍ନ ୧୧ର ଉତ୍ତର:** ରୁଦ୍ରଦମନ

**ପ୍ରଶ୍ନ ୧୨ର ଉତ୍ତର:** ଅଭିଲେଖ, ମୁଦ୍ରା ଓ ସ୍ମାରକ

**ପ୍ରଶ୍ନ ୧୩ର ଉତ୍ତର:** ଅଭିଲେଖ ହେଉଛି ଶାସନକର୍ତ୍ତା ରାଜା ଅଥବା ବେଳେବେଳେ ତାଙ୍କ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତର, ସ୍ତମ୍ଭ ଅଥବା ଗୁମ୍ଫାରେ ବିଭିନ୍ନ ଭାଷାରେ ଖୋଦିତ ଲେଖା । ସେଗୁଡ଼ିକୁ ଶାସନାବଳୀ ମଧ୍ୟ କୁହାଯାଏ ଏବଂ ସେଗୁଡ଼ିକ ବିଜୟୋତ୍ସବର ସ୍ମୃତିରକ୍ଷା, ଭୂଦାନ ଘୋଷଣା ଆଦି ପାଇଁ ବ୍ୟବହୃତ ହେଉଥିଲା । ଅଭିଲେଖଗୁଡ଼ିକ ସଂପୃକ୍ତ କାଳର ସାମାଜିକ, ଧାର୍ମିକ, ରାଜନୀତିକ, ପ୍ରାଶାସନିକ ଓ ବାଣିଜ୍ୟିକ ସ୍ଥିତି ସମ୍ବନ୍ଧରେ ମହତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରନ୍ତି ଏବଂ ଏହାଦ୍ୱାରା ଆମକୁ ପ୍ରାଚୀନ ଭାରତୀୟ ଇତିହାସର ଅଧ୍ୟୟନରେ ସହାୟକ ହୁଅନ୍ତି ।

## ୧.୯ ଆଦର୍ଶ ପ୍ରଶ୍ନାବଳୀ

**କ) ଅତି ସଂକ୍ଷିପ୍ତ ପ୍ରଶ୍ନ** (ପ୍ରତି ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ ଲେଖନ୍ତୁ)

**ପ୍ରଶ୍ନ ୧.** ଚାରି ବେଦର ନାମ ଲେଖନ୍ତୁ ।

**ପ୍ରଶ୍ନ ୨.** ଅଭିଲେଖ ପାଇଁ ବ୍ୟବହୃତ ଜନପ୍ରିୟ ଶବ୍ଦ ଲେଖନ୍ତୁ ।

**ପ୍ରଶ୍ନ ୩.** ଇଣ୍ଡିକାର ଲେଖକ କିଏ ?

**ପ୍ରଶ୍ନ ୪.** ହୁଏନ୍‌ସାଂଙ୍କ ଭ୍ରମଣ ଦିନଲିପିର ନାମ ଲେଖନ୍ତୁ ।

**ଖ) ସଂକ୍ଷିପ୍ତ ପ୍ରଶ୍ନ** (ପ୍ରତି ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ଲେଖନ୍ତୁ)

**ପ୍ରଶ୍ନ ୧.** ପ୍ରାଚୀନ ଭାରତୀୟ ଇତିହାସର ପୁନର୍ଗଠନ ପାଇଁ ଦେଶୀୟ ସାହିତ୍ୟିକ ଉତ୍ସଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାହିଁକି ?

**ପ୍ରଶ୍ନ ୨.** ଭାରତ ଉପରେ ଚୈନିକ ପରିବ୍ରାଜକମାନଙ୍କ ବିବରଣୀ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ ।

**ପ୍ରଶ୍ନ ୩.** ପ୍ରାଚୀନ ଭାରତର ମୁଦ୍ରାଗୁଡ଼ିକର ଗୁରୁତ୍ୱ ଉପରେ ଏକ ସଂକ୍ଷିପ୍ତଟିପ୍ପଣୀ ଲେଖନ୍ତୁ।

**ଗ) ଦୀର୍ଘ ପ୍ରଶ୍ନ** (ପ୍ରତି ପ୍ରଶ୍ନର ଉତ୍ତର ୩୦୦-୫୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ)

**ପ୍ରଶ୍ନ ୧.** ପ୍ରାଚୀନ ଭାରତୀୟ ଇତିହାସର ପୁନର୍ଗଠନରେ ସାହିତ୍ୟିକ ଉତ୍ସଗୁଡ଼ିକର ଗୁରୁତ୍ୱ ଆଲୋଚନା କରନ୍ତୁ ।

**ପ୍ରଶ୍ନ ୨.** ପ୍ରାଚୀନ ଭାରତର ଇତିହାସ ଅଧ୍ୟୟନରେ ପ୍ରତ୍ନତାତ୍ତ୍ୱିକ ଉତ୍ସଗୁଡ଼ିକ ସାହାଯ୍ୟ କରେ କିପରି ?

# ଦ୍ୱିତୀୟ ଏକକ: ବୈଦିକ ଯୁଗ: ସମାଜ, ଶାସନତନ୍ତ୍ର ଓ ସଂସ୍କୃତି

**ବିଷୟ ଗଠନ:**


୨.୧ ପଠନର ଉଦ୍ଦେଶ୍ୟ

୨.୨ ଉପକ୍ରମ

୨.୩ ବୈଦିକ ସଭ୍ୟତା

୨.୩.୧ ଭାରତୀୟ ଆର୍ଯ୍ୟ ଏବଂ ସେମାନଙ୍କ ଉଦ୍ଭବ

୨.୩.୨ ରାଜନୀତିକ ଅନୁଷ୍ଠାନ

୨.୩.୩ ସମାଜ

୨.୩.୪ ଅର୍ଥନୀତି

୨.୩.୫ ଧର୍ମ

୨.୪ ପରବର୍ତ୍ତୀ ବୈଦିକ ସଭ୍ୟତା

୨.୫ ସାରାଂଶ

୨.୬ ପରବର୍ତ୍ତୀ ପଠନ

୨.୭ ପ୍ରଗତି ପରିମାପକ ଉତ୍ତର

୨.୮ ଆଦର୍ଶ ପ୍ରଶ୍ନାବଳୀ


## ୨.୧ ପଠନର ଉଦ୍ଦେଶ୍ୟ

- ❖ ଭାରତୀୟ ଆର୍ଯ୍ୟମାନଙ୍କ ଉଦ୍ଭବ ଆଲୋଚନା କରିବା
- ❖ ଋକ୍‌ବେଦର ରଚନାକାଳ ଜାଣିବା
- ❖ ବୈଦିକ ଯୁଗର ରାଜନୀତିକ ଅନୁଷ୍ଠାନଗୁଡ଼ିକ ସମ୍ବନ୍ଧରେ ବୁଝିବା
- ❖ ବୈଦିକ ସଭ୍ୟତାର ସମାଜ ଓ ଧର୍ମ ସମ୍ବନ୍ଧରେ ବିଶ୍ଳେଷଣ କରିବା
- ❖ ପରବର୍ତ୍ତୀ ବୈଦିକ ସଭ୍ୟତା ସମ୍ବନ୍ଧରେ ଆଲୋଚନା କରିବା

## ୨.୨ ଉପକ୍ରମ

ହରପ୍ପା ସଭ୍ୟତା ଭାରତର ଆଦି ସଭ୍ୟତା । ଚଳିତ ଏକକରେ ଆମେ ଅନ୍ୟ ଏକ ସଭ୍ୟତାର ଆଲୋଚନା କରିବା ଯାହା ହରପ୍ପା ସଭ୍ୟତାଠାରୁ ବହୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭିନ୍ନ । ସିନ୍ଧୁ ଉପତ୍ୟକା ସଭ୍ୟତା ପରେ ଭାରତ ଭୂମିରେ ଏ ସଭ୍ୟତାର ଉଦୟ । ଏହା ବୈଦିକ ସଭ୍ୟତା । ଏହା ପଛକୁ ପରବର୍ତ୍ତୀ ବୈଦିକ ସଭ୍ୟତା । ଏ ଦୁଇଟିର ମିଳନ ଏକ ଅନୁକ୍ରମ ଏବଂ ଚଳିତ ଏକକ ଶିକ୍ଷାର୍ଥୀମାନଙ୍କୁ ଏ ଦୁଇଟିର ପରିଚୟ ଦେବ ।

## ୨.୩ ବୈଦିକ ସଭ୍ୟତା

ହରପ୍ପା ସଭ୍ୟତାର ପରବର୍ତ୍ତୀ ସଭ୍ୟତା ବୈଦିକ ବା ଋକ୍‌ବେଦୀୟ ସଭ୍ୟତା ଯାହା ହରପ୍ପା ସଭ୍ୟତାର ସମ୍ପୂର୍ଣ୍ଣ ବିପରୀତ । ଆର୍ଯ୍ୟମାନେ ବୈଦିକ ସଭ୍ୟତାର ପ୍ରତିଷ୍ଠାତା । ସେମାନେ ଥିଲେ ପ୍ରବାସୀ ଏବଂ ପରବର୍ତ୍ତୀ ଅନୁଚ୍ଛେଦରେ ଆମେ ଆର୍ଯ୍ୟମାନଙ୍କ ମୂଳ ଭୂମି ସମ୍ବନ୍ଧରେ ଆଲୋଚନା କରିବା । ବୈଦିକ ସଭ୍ୟତା ମୋଟାମୋଟି ଦୁଇ ଭାଗରେ ବିଭକ୍ତ- ଆଦି ବୈଦିକ ବା ଋକ୍‌ବେଦୀୟ ସଭ୍ୟତା ଏବଂ ପରବର୍ତ୍ତୀ ବୈଦିକ ସଭ୍ୟତା ।

### ୨.୩.୧ ଭାରତୀୟ ଆର୍ଯ୍ୟ ଏବଂ ସେମାନଙ୍କ ଉଦ୍ଭବ

ଏଇ ନୂତନ ସଭ୍ୟତାର ବିକାଶକର୍ତ୍ତାମାନେ ଭାରତୀୟ ଆର୍ଯ୍ୟ ନାମରେ ପରିଚିତ । ସେମାନେ କେନ୍ଦ୍ର ଏସିଆର କୌଣସି ଅଞ୍ଚଳରୁ ଉତ୍ତର-ପଶ୍ଚିମ ସୀମାନ୍ତ ଦେଇ ଭାରତକୁ ଆସିଥିଲେ । ଭାରତକୁ ସେମାନଙ୍କ ଦେଶାନ୍ତର ଥରକରେ ଘଟିଥିଲା ଭାବିବା ଭୁଲ ହେବ । ବରଂ ଏହା ଥିଲା ଶହ ଶହ ବର୍ଷ ବ୍ୟାପୀ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । ଆପଣ ବେଦ ସମ୍ବନ୍ଧରେ ନିଶ୍ଚୟ ଶୁଣିଥିବେ । ବେଦଗୁଡ଼ିକ ହେଉଛି ଭାରତୀୟ ଆର୍ଯ୍ୟମାନଙ୍କ ପ୍ରଧାନ ଧର୍ମଗ୍ରନ୍ଥ । ବେଦ ହେଉଛି ଚାରିଟି- ଋକ୍‌ବେଦ, ଯଜୁଃବେଦ, ସାମବେଦ ଏବଂ ଅଥର୍ବବେଦ । ଏ ମଧ୍ୟରୁ ଋକ୍‌ବେଦ ପ୍ରାଚୀନତମ । ଏହା ମଧ୍ୟ ଭାରତର ପ୍ରାଚୀନତମ ସାହିତ୍ୟ । ପବିତ୍ର ବେଦର ମାର୍ଗ ଦର୍ଶନ ଅନୁସାରେ ଭାରତୀୟ ଆର୍ଯ୍ୟମାନେ

ସେମାନଙ୍କ ସଭ୍ୟତାକୁ ରୂପ ଦେଇଥିଲେ । ଏଥିଯୋଗୁଁ ***ଆର୍ଯ୍ୟମାନଙ୍କ*** ଏଇ ସଭ୍ୟତା ବୈଦିକ ସଭ୍ୟତା ନାମରେ ମଧ୍ୟ ପରିଚିତ ।

**ଆସନ୍ତୁ ଜାଣିବା**

ଆର୍ଯ୍ୟମାନେ ଏକ ଭାଷା ଗୋଷ୍ଠୀ ଯେଉଁମାନେ କେବଳ ଉତ୍ତର ଓ ମଧ୍ୟ ଭାରତ ନୁହନ୍ତି ସମଗ୍ର ଇଉରୋପରେ ମଧ୍ୟ ପରିବ୍ୟାପ୍ତ । ବୈଦିକ ସାହିତ୍ୟର ରଚୟିତା ଗୋଷ୍ଠୀଟି ଭାରତୀୟ ଆର୍ଯ୍ୟ ନାମରେ ପରିଚିତ ଏବଂ ସେମାନେ ସଂସ୍କୃତ ଭାଷା ବ୍ୟବହାର କରୁଥିଲେ ।

ସମଗ୍ର ବୈଦିକ ଯୁଗର ଅଧ୍ୟୟନ ଦୁଇଟି କାଳଖଣ୍ଡ ଅଧୀନରେ କରାଯାଏ- ଋକ୍‌ବେଦୀୟ ଯୁଗ ଓ ପରବର୍ତ୍ତୀ ବୈଦିକ ଯୁଗ । ଖ୍ରୀ.ପୂ. ୧୫୦୦ରୁ ଖ୍ରୀ.ପୂ. ୧୦୦୦ ଋକ୍‌ବେଦୀୟ ଯୁଗ ଏବଂ ଖ୍ରୀ.ପୂ. ୧୦୦୦ରୁ ଖ୍ରୀ.ପୂ. ୭୦୦ ପରବର୍ତ୍ତୀ ବୈଦିକ ଯୁଗ ।

### ୨.୩.୨ ରାଜନୀତିକ ଅନୁଷ୍ଠାନ

ପରିବାର ଥିଲା ବୈଦିକ ଯୁଗର ନିମ୍ନତମ ରାଜନୀତିକ ଏକକ । ଅନେକ ପରିବାରର ସମାହାରରେ ***ଗ୍ରାମ*** ଗଠିତ ହେଉଥିଲା । ଅନେକ ଗ୍ରାମର ସମବାୟକୁ ବିଶ୍ କୁହାଯାଉଥିଲା । ବିଶ୍ ସମ୍ଭବତଃ ସମଗ୍ର ଜନଜାତିର ଏକ ବୃହତ୍ତର ପ୍ରାଶାସନିକ ଏକକ ଥିଲା । ***ଜନ*** ବା ରାଷ୍ଟ୍ର ଥିଲା ସର୍ବୋଚ୍ଚ ରାଜନୀତିକ ଓ ପ୍ରାଶାସନିକ ଏକକ । ଗ୍ରାମର ମୁଖ୍ୟଙ୍କୁ ***ଗ୍ରାମଣୀ, ବିଶ୍‌ର*** ମୁଖ୍ୟଙ୍କୁ ***ବିଶ୍‌ପତି*** ଏବଂ ***ଜନ***ର ମୁଖ୍ୟଙ୍କୁ ***ଗୋପ*** କୁହାଯାଉଥିଲା ।

**ଆସନ୍ତୁ ଜାଣିବା**

ଋକ୍‌ବେଦୀୟ ରାଷ୍ଟ୍ର ଥିଲା ଏକ ଜନଜାତୀୟ ରାଷ୍ଟ୍ର । ପ୍ରଥମ ବେଦରୁ ଯଦୁ, ଅନୁ, ପୁରୁ ଏବଂ ଭରତ ଆଦି ଅନେକ ଆର୍ଯ୍ୟ ଜନଜାତିର ସୂଚନା ମିଳେ । ଭୂମି ଅଥବା ଗୋଧନ ଅଧିକାର ପାଇଁ ଏମାନେ ପରସ୍ପର ବହୁ ସମୟରେ ଯୁଦ୍ଧଲିପ୍ତ ରହୁଥିଲେ ।

ରାଜତନ୍ତ୍ର ଥିଲା ସେ କାଳରେ ଶାସନର ସାଧାରଣ ସ୍ୱରୂପ । ଆଦି ବୈଦିକ ଯୁଗରେ ରାଷ୍ଟ୍ରର ଆକାର ଥିଲା କ୍ଷୁଦ୍ର; ବେଳେ ବେଳେ କେବଳ ଗୋଟିଏ ଜନଜାତିକୁ ନେଇ ଗଠିତ । ବୈଦିକ ରାଜାଙ୍କର କ୍ଷମତା ଓ ମର୍ଯ୍ୟାଦା ଥିଲା ସ୍ୱତନ୍ତ୍ର । ତାଙ୍କ ଉପାଧି ଥିଲା ***ରାଜନ୍*** । ରାଜ ସିଂହାସନ ଅଧିକାର ପାଇଁ ଯୁଦ୍ଧବିଦ୍ୟାରେ ପାରଙ୍ଗମତା ଥିଲା ରାଜାଙ୍କ ପାଇଁ ସର୍ବାଧିକ ଅନିବାର୍ଯ୍ୟ ଯୋଗ୍ୟତା । ପ୍ରଜାଙ୍କ ଧନ ଜୀବନର ସୁରକ୍ଷା ଥିଲା ତାଙ୍କ ଦାୟିତ୍ୱ । ପ୍ରତିବଦଳରେ ପ୍ରଜାଙ୍କଠାରୁ ସେ ପ୍ରାୟତଃ ଦ୍ରବ୍ୟ ଆକାରରେ ଭେଟି ବା ***ବଳି*** ସଂଗ୍ରହ କରୁଥିଲେ । ***ପୁରୋହିତ, ସେନାନୀ*** (ସେନାପତି), ***ଗ୍ରାମଣୀ*** (ଗାଁ ମୁଖିଆ) ଓ ***ସ୍ପଶ*** (ଗୁପ୍ତଚର) ରାଜାଙ୍କୁ ଶାସନ କାର୍ଯ୍ୟରେ ସହାୟତା କରୁଥିଲେ । ରାଜାଙ୍କ ସହାୟତା ପାଇଁ ପୁଣି ***ସଭା*** ଓ ***ସମିତି*** ନାମରେ ଦୁଇଟି ଜନପ୍ରିୟ ଅନୁଷ୍ଠାନ ରହିଥିଲା । ଗମ୍ଭୀର ରାଜନୀତିକ ବିଷୟରେ ରାଜା ଏ ଦୁଇଟି ଅନୁଷ୍ଠାନ ସହ ପରାମର୍ଶ କରୁଥିଲେ । ଏହିପରି ***ସଭା*** ଓ ***ସମିତି*** ରାଜାଙ୍କ ସ୍ୱେଚ୍ଛାଚାରୀ କ୍ଷମତା ଉପରେ ଅଙ୍କୁଶ ପ୍ରୟୋଗ କରୁଥିଲେ । କିନ୍ତୁ ***ସଭା*** ଓ ***ସମିତି***ର ଗଠନ ନେଇ କୌଣସି ନିର୍ଧାର୍ଯ୍ୟ ବିସ୍ତୃତ ତଥ୍ୟ ମିଳେ ନାହିଁ । ସମ୍ଭବତଃ ***ସଭା*** ଥିଲା ବିଭିନ୍ନ ଜନଜାତି ମୁଖିଆଙ୍କର ଏକ ଅନୁଷ୍ଠାନ ଏବଂ ସମସ୍ତ ଜନତାଙ୍କ ସମ୍ମେଳନକୁ ନେଇ ***ସମିତି*** ଗଠିତ ହେଉଥିଲା ।

**୨.୩.୩ ସମାଜ**

ବୈଦିକ ସମାଜର ଭିତ୍ତି ଥିଲା ପରିବାର । ସେ କାଳରେ ପରିବାର ଥିଲା ପିତୃକୈନ୍ଦ୍ରିକ । ପିତୃକୈନ୍ଦ୍ରିକ ପରିବାର କ'ଣ ଆପଣ ଜାଣନ୍ତି କି? ତାହା ହେଉଛି ***ପିତୃକୈନ୍ଦ୍ରିକ*** ପରିବାର ଯେଉଁଠି ବାପା ହେଉଛନ୍ତି ମୁଖ୍ୟ । ଋକ୍‌ବେଦୀୟ ଯୁଗରେ ଏଇଭଳି ପରିବାର ମୁଖିଆଙ୍କୁ ***ଗୃହପତି*** ବା ***କୁଳପତି*** କୁହାଯାଉଥିଲା ।

ଆଦି ବୈଦିକ ସମାଜରେ ନାରୀମାନଙ୍କ ସ୍ଥିତି ଥିଲା ମର୍ଯ୍ୟାଦାସମ୍ପନ୍ନ । ପରିବାର ପିତୃକୈନ୍ଦ୍ରିକ ଥିଲେ ସୁଦ୍ଧା ବାଳିକାମାନେ ଉପେକ୍ଷିତ ହେଉ ନ ଥିଲେ । ପୁଅ ଭଳି ଝିଅମାନଙ୍କ ପାଇଁ ମଧ୍ୟ ଶିକ୍ଷାର ଦ୍ୱାର ଉନ୍ମୁକ୍ତ ଥିଲା । ଏଇଥି ଯୋଗୁଁ ଘୋଷା, ଆପାଲା, ବିଶ୍ୱବାରା ଆଦି କେତେ ଜଣ ମହିଳା ବିଦ୍ୱାନଙ୍କ ସମ୍ବନ୍ଧରେ ଆମେ ଜାଣିବାକୁ ପାଉ ଯେଉଁମାନେ ସେମାନଙ୍କ ମନୀଷା ବଳରେ ଋଷି ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଥିଲେ । ଋକ୍‌ବେଦୀୟ ସମାଜରେ ସତୀ କି ପରଦା ପ୍ରଥା ଆଦୌ ନ ଥିଲା । ବାଲ୍ୟ ବିବାହ ସମ୍ପୂର୍ଣ୍ଣ ଅଜ୍ଞାତ ନ ଥିଲେ ମଧ୍ୟ ସାଧାରଣତଃ ବୟଃପ୍ରାପ୍ତ ହେଲେ ଝିଅମାନେ ବିବାହ

କରୁଥିଲେ । ସମାଜରେ ବିଧବାମାନଙ୍କୁ ପୁନର୍ବିବାହର ଅନୁମତି ଥିଲା । ଏହିଭଳି ଋକ୍‌ବେଦୀୟ ମହିଳା ଉଭୟ ଗୃହ ଓ ସମାଜରେ ଉଚ୍ଚ ସ୍ଥାନର ଅଧିକାରିଣୀ ଥିବା ଲକ୍ଷ୍ୟ କରାଯାଏ ।

ବସ୍ତ୍ର ତିଆରି ପାଇଁ କପା, ପଶମ ଓ ମୃଗ ଛାଲ ବ୍ୟବହୃତ ହେଉଥିଲା । ବିଶେଷ ଅବସରରେ ସୁନାର ସୂଚିକର୍ମ ହୋଇଥିବା ପରିଧାନ ମଧ୍ୟ ବ୍ୟବହୃତ ହେଉଥିଲା । ବିଭିନ୍ନ ଧରଣର ସୁବର୍ଣ୍ଣ ଅଳଙ୍କାର ପ୍ରତି ଋକ୍‌ବେଦୀୟ ମହିଳାମାନଙ୍କର ଆଗ୍ରହ ରହିଥିଲା । ଉଭୟ ପୁରୁଷ ଓ ମହିଳା ପଗଡ଼ି ପିନ୍ଧୁଥିଲେ ।

ଯବ, ଧାନ, ଗହମ ଓ ବିଭିନ୍ନ ଋତୁର ପରିବା ଥିଲା ଲୋକଙ୍କର ମୁଖ୍ୟ ଖାଦ୍ୟ । ଦୁଗ୍ଧ ଓ ଏହାର ବିଭିନ୍ନ ଉତ୍ପାଦ ମଧ୍ୟ ଖାଦ୍ୟ ରୂପେ ବ୍ୟବହୃତ ହେଉଥିଲା । ମାଛ, ପକ୍ଷୀ, ଛେଳି, ଷଣ୍ଢ ସମେତ ବିଭିନ୍ନ ଆମିଷ ଖାଦ୍ୟର ଅନ୍ତର୍ଭୁକ୍ତ ଥିଲା । ସମ୍ଭବତଃ ବହୁବିଧ ଉପଯୋଗିତା ହେତୁ ଗୋବଧ କରାଯାଉ ନ ଥିଲା । ବୈଦିକ ଆର୍ଯ୍ୟମାନେ ***ସୋମ*** ଓ ***ସୁରା*** ନାମକ ଦୁଇ ପ୍ରକାର ମାଦକ ପାନୀୟ ଗ୍ରହଣ କରୁଥିଲେ ।

ବୈଦିକ ଯୁଗର ଜନତା ଥିଲେ ଆମୋଦପ୍ରମୋଦ ପ୍ରିୟ । ରଥଦୌଡ଼, ଯୁଦ୍ଧନୃତ୍ୟ ଓ ଶିକାର ଥିଲା ସର୍ବାଧିକ ଚିତ୍ତାକର୍ଷକ ବହିଃକ୍ରୀଡ଼ା । ଆନନ୍ଦଦାୟକ ମୁହୂର୍ତ୍ତ ସବୁ ନୃତ୍ୟ ଓ ସଙ୍ଗୀତ ସମଭିବ୍ୟାହାରରେ ପାଳନ କରାଯାଉଥିଲା । ଦ୍ୟୂତ ଥିଲା ସେ ସମୟର ସମ୍ଭବତଃ ସର୍ବାଧିକ ରୋମାଞ୍ଚକ ଅନ୍ତଃକ୍ରୀଡ଼ା ।

ବୈଦିକ ସମାଜ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଚାରି ଶ୍ରେଣୀରେ ବିଭକ୍ତ ଥିଲା । ଆଦି ବୈଦିକ କାଳ ବା ଋକ୍‌ବେଦୀୟ କାଳରେ କିନ୍ତୁ ସମାଜର ବିଭାଜନ ସୁସ୍ପଷ୍ଟ ନ ଥିଲା । ଚାରି ଶ୍ରେଣୀର ଅବସ୍ଥିତି ଓ ପ୍ରଚଳନ ସତ୍ତ୍ୱେ ସେ କାଳରେ ଜାତିପ୍ରଥା କଠୋର ନ ଥିଲା । ସେ କାଳରେ ଆନ୍ତଃଜାତି ବିବାହ ଓ ଆନ୍ତଃଜାତି ଭୋଜନ ସାଧାରଣ ବିଷୟ ଥିଲା ଏବଂ ଏ ଦିଗରେ କୌଣସି ପ୍ରତିବନ୍ଧକ ନ ଥିଲା । ସମାଜର ରକ୍ଷଣଶୀଳ



**ଚାଣ୍ଡାଳ:** ଚାଣ୍ଡାଳ ଏକ ଶ୍ରେଣୀ ଯେଉଁମାନେ ହିନ୍ଦୁଙ୍କ ଶ୍ମଶାନର ଦେଖାଶୁଣା କରୁଥିଲେ । ସେମାନଙ୍କ ସ୍ଥିତି ଥିଲା ସମାଜରେ ସବୁଠୁ ତଳେ ।

ବିଭାଜନ, ଅସ୍ପୃଶ୍ୟତା ଅବଧାରଣା ଇତ୍ୟାଦି ପରବର୍ତ୍ତୀ କାଳର ବିକାଶ । ତେବେ ଋକ୍‌ବେଦରେ ଚାଣ୍ଡାଳ ଭଳି ଶବ୍ଦର ଉଲ୍ଲେଖ ମିଳେ ।

**ପ୍ରଗତି ପରୀକ୍ଷଣ**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** କେଉଁମାନଙ୍କ ଦ୍ୱାରା ବୈଦିକ ସଭ୍ୟତାର ବିକାଶ ଘଟିଥିଲା ?

..................................................................................................

**ପ୍ରଶ୍ନ ୨.** ଚାରି ବେଦର ନାମ ଲେଖନ୍ତୁ ।

..................................................................................................

**ପ୍ରଶ୍ନ ୩.** ଋକ୍‌ବେଦୀୟ ଯୁଗରେ କିଏ ପରିବାରର ମୁଖ୍ୟ ଥିଲେ ?

..................................................................................................

**ପ୍ରଶ୍ନ ୪.** ବୈଦିକ ଆର୍ଯ୍ୟମାନେ ବ୍ୟବହାର କରୁଥିବା ଦୁଇଟି ମାଦକ ପାନୀୟର ନାମ ଲେଖନ୍ତୁ ।

..................................................................................................

**ପ୍ରଶ୍ନ ୫.** ଋକ୍‌ବେଦୀୟ ଯୁଗରେ ଜନର ମୁଖ୍ୟ କିଏ ଥିଲେ ?

..................................................................................................

**ପ୍ରଶ୍ନ ୬.** ଋକ୍‌ବେଦୀୟ ଯୁଗରେ ରାଜାଙ୍କ ସ୍ୱେଚ୍ଛାଚାରୀ କ୍ଷମତା ଉପରେ ଅଙ୍କୁଶ ପ୍ରୟୋଗ କରୁଥିବା ଦୁଇଟି ଅନୁଷ୍ଠାନର ନାମ ଲେଖନ୍ତୁ ।

..................................................................................................

**ପ୍ରଶ୍ନ ୭.** ଶୂନ୍ୟ ସ୍ଥାନ ପୂରଣ କରନ୍ତୁ ।

କ) ............... ଭାରତୀୟ ଆର୍ଯ୍ୟମାନଙ୍କ ମୁଖ୍ୟ ଧର୍ମଗ୍ରନ୍ଥ ।

ଖ) ଆଦି ............... ସମାଜରେ ମହିଳାମାନଙ୍କ ସ୍ଥାନ ମର୍ଯ୍ୟାଦାପୂର୍ଣ୍ଣ ଥିଲା ।

ଗ) ............... ଥିଲା ବୈଦିକ ଯୁଗର ସମ୍ଭବତଃ ସର୍ବାଧିକ ରୋମାଞ୍ଚକ ଅନ୍ତଃକ୍ରୀଡ଼ା ।

ଘ) ............... ଥିଲା ବୈଦିକ ଯୁଗର ସର୍ବନିମ୍ନ ରାଜନୀତିକ ଏକକ ।

### ୨.୩.୪ ଅର୍ଥନୀତି

ଆଦି ବୈଦିକ ଯୁଗରେ ଆର୍ଯ୍ୟମାନେ ମୁଖ୍ୟତଃ ଏକ ଚାରଣ ଅର୍ଥବ୍ୟବସ୍ଥା ଉପରେ ନିର୍ଭରଶୀଳ ଥିଲେ । କୃଷି, ବାଣିଜ୍ୟ ଓ ଶିଳ୍ପର ମଧ୍ୟ ସୀମିତ ପ୍ରଚଳନ ଥିଲା । ଆଦି ବୈଦିକ ଅର୍ଥନୀତିରେ ପଶୁଚାରଣର ଗୁରୁତ୍ୱ ଗୋଧନର ପ୍ରତ୍ୟକ୍ଷ ଉଲ୍ଲେଖରୁ ପ୍ରମାଣିତ ହୁଏ । ସେ କାଳରେ ମୁଖିଆଙ୍କୁ ***ଗୋପତି*** ବା ଗୋରୁମାନଙ୍କ ରକ୍ଷକ କୁହାଯାଉଥିଲା । ଏଥିରୁ ମଧ୍ୟ ପଶୁଚାରଣର ଗୁରୁତ୍ୱ ପ୍ରମାଣିତ ହୁଏ । ଗୋରୁ (ମାଂସ, ଦୁଗ୍ଧଜାତ ଦ୍ରବ୍ୟ ଓ କୃଷି ଉଦ୍ଦେଶ୍ୟରେ), ଘୋଡ଼ା (ରଥ ଟାଣିବା ପାଇଁ), ମେଣ୍ଢା ଓ ଛେଳି (ମାଂସ ପାଇଁ), କୁକୁର ଆଦି ସେମାନେ ଗୃହପାଳିତ ପଶୁ ଭାବେ ପାଳନ କରୁଥିଲେ ।

ଆଦି ବୈଦିକ ଯୁଗରେ କୃଷିର ଖୁବ୍ ସୀମିତ ପ୍ରମାଣ ମିଳେ । ଏ ସମୟରେ କୃଷି ଜଳସେଚନ ନୁହେଁ ବରଂ ବୃଷ୍ଟି ଉପରେ ନିର୍ଭରଶୀଳ ଥିଲା । ଋକ୍‌ବେଦୀୟ ଜନତା ଥିଲେ ଗୋରୁ ଟଣା ଲଙ୍ଗଳ ଫଳାର ପ୍ରବର୍ତ୍ତକ । ଋକ୍‌ବେଦରେ ଆମେ ବିଭିନ୍ନ କାରିଗରୀର ଉଲ୍ଲେଖ ପାଉ । ଏଥିରେ ତକ୍ଷଣ (ବଢ଼େଇ), ହିରଣ୍ୟକାର (ସୁନାରୀ), କୁଲାଳ (କୁମ୍ଭାର) ଆଦି ଶବ୍ଦର ଉଲ୍ଲେଖ ମିଳେ ।

ଋକ୍‌ବେଦୀୟ ଜନତା ସମ୍ଭବତଃ ଅନ୍ତର୍ଦେଶୀୟ ବାଣିଜ୍ୟ ଜାଣିଥିଲେ । ବେଳେବେଳେ ସେମାନେ ନିଜ ଜନଜାତି ମଧ୍ୟରେ ତ ଅନ୍ୟ କେତେବେଳେ ଅପର ଜନଜାତି ସହ ବାଣିଜ୍ୟ କରୁଥିଲେ । ଦୂର ସ୍ଥାନରେ ବାଣିଜ୍ୟ ପାଇଁ ବଣିକମାନେ ଉଭୟ ସଡ଼କ ଓ ଜଳପଥ ବ୍ୟବହାର କରୁଥିଲେ । ବଳଦ ଓ ଘୋଡ଼ାଟଣା ରଥ ଓ ଶଗଡ଼ ସ୍ଥଳ ପରିବହନର ମୁଖ୍ୟ ମାଧ୍ୟମ ଥିଲା । ***ବିନିମୟ*** ବା ବସ୍ତୁବଦଳ ଦ୍ୱାରା ବ୍ୟବସାୟ ଚାଲୁଥିଲା । ଆର୍ଯ୍ୟମାନେ ଦରିଆପାରି ବାଣିଜ୍ୟ କରୁଥିଲେ କି ନାହିଁ ସେ ନେଇ ବିବାଦ ରହିଛି । ମୋଟ ଉପରେ ଋକ୍‌ବେଦୀୟ ଆର୍ଯ୍ୟମାନଙ୍କ ବିଦେଶ ବାଣିଜ୍ୟ ନେଇ କିଛି ନିଶ୍ଚିତ କରି କହିବା ସ୍ଥିତିରେ ଆମେ ନାହୁଁ ।

### ୨.୩.୫ ଧର୍ମ

ଋକ୍‌ବେଦୀୟ ଧର୍ମ ଥିଲା ସରଳ ଓ ସାଧାରଣ । ଆଦି ଆର୍ଯ୍ୟମାନେ ପ୍ରକୃତିର ପ୍ରତ୍ୟେକ ବିଭାବର ଉପାସନା କରୁଥିଲେ । ସେମାନେ ପ୍ରତ୍ୟେକ ବସ୍ତୁରେ ଦିବ୍ୟଗୁଣର ଆରୋପ କରୁଥିଲେ । ତେଣୁ ଆର୍ଯ୍ୟମାନଙ୍କ ଧର୍ମୋପାସନାରେ ବହୁ ସଂଖ୍ୟକ ଦେବୀ ଦେବତା ରହିଥିଲେ । ସେମାନେ

ଦେବତାମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରୁଥିଲେ; ଯଥା- ପୃଥ୍ୱୀ, ସୋମ, ଅଗ୍ନି ଆଦି ***ଭୂଲୋକ*** ଦେବତା; ଇନ୍ଦ୍ର, ରୁଦ୍ର, ବାୟୁ ଆଦି ***ଅନ୍ତରୀକ୍ଷ*** ଦେବତା ଏବଂ ଦ୍ୟୁ, ସୂର୍ଯ୍ୟ, ବରୁଣ ଆଦି ***ଦ୍ୟୁଲୋକ*** ଦେବତା । ଦେବତାଙ୍କ ବାହୁଲ୍ୟ ସତ୍ତ୍ୱେ କୌତୂହଳର ସାମଗ୍ରୀ ହେଉଛି ସେ କାଳର କୌଣସି ମନ୍ଦିର ଅଥବା ପ୍ରତିମା ଅଦ୍ୟାବଧି ଆବିଷ୍କୃତ ହୋଇ ନାହିଁ । ଏହା ଋକ୍‌ବେଦୀୟ ଆର୍ଯ୍ୟମାନଙ୍କ ମଧ୍ୟରେ ପ୍ରତିମା ପୂଜାର ପ୍ରଚଳନ ନ ଥିବା ସୂଚାଏ । ବୈଦିକ ଧର୍ମ ସମ୍ବନ୍ଧରେ ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ବିଷୟ ହେଉଛି ଦେବୀମାନଙ୍କ ତୁଳନାରେ ଦେବତାମାନଙ୍କ ଆଧିପତ୍ୟ । ବୈଦିକ ରୀତିନୀତିରେ ଯଜ୍ଞର ସ୍ଥାନ ଥିଲା ପ୍ରମୁଖ । ଆର୍ଯ୍ୟମାନଙ୍କ ବିଶ୍ୱାସ ଥିଲା ଯେ ଯଜ୍ଞ ଓ ଅନ୍ୟ ନୈବେଦ୍ୟ ସବୁ ଦେବତାମାନଙ୍କୁ ପ୍ରୀତ କରେ ଏବଂ ପ୍ରତିବଦଳରେ ସେମାନେ ଯଜ୍ଞାନୁଷ୍ଠାନକାରୀଙ୍କୁ ଆଶୀର୍ବାଦ ସ୍ୱରୂପ ବାଂଛିତ ଫଳ ପ୍ରଦାନ କରନ୍ତି । ବିନା ଭେଦଭାବରେ ଧନୀ ଗରିବ ନିର୍ବିଶେଷରେ ଆର୍ଯ୍ୟମାନେ ପ୍ରତ୍ୟେକେ ନିଜ ନିଜ ସାମର୍ଥ୍ୟ ଅନୁସାରେ ଯଜ୍ଞାନୁଷ୍ଠାନ କରିପାରୁଥିଲେ ।

## ୨.୪ ପରବର୍ତ୍ତୀ ବୈଦିକ ଯୁଗ

ଋକ୍‌ବେଦୀୟ ଓ ପରବର୍ତ୍ତୀ ବୈଦିକ ସଭ୍ୟତା ମଧ୍ୟରେ ଅନ୍ତର ସୁସ୍ପଷ୍ଟ । ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟମାନେ ଏକ ଅପେକ୍ଷାକୃତ ଅଧିକ ବ୍ୟବସ୍ଥିତ ଜୀବନଯାପନ କଲେ । ଏବଂ ଏଭଳି ସଂଗଠିତ ଜୀବନଶୈଳୀର ପରିଣାମ ସ୍ୱରୂପ ସଭ୍ୟତାର ବିବିଧ ବିଭାବରେ ଆଖିଦୃଶିଆ ପରିବର୍ତ୍ତନ ଆସିଲା ।

ପରବର୍ତ୍ତୀ ବୈଦିକ ଯୁଗରେ ଆମେ ବୃହତ୍ ରାଷ୍ଟ୍ରର ଅଭ୍ୟୁଦୟ ଲକ୍ଷ୍ୟ କରୁ । ଏହା ହେଉଛି ଉତ୍ତର-ପଶ୍ଚିମ ଭାରତରୁ ପୂର୍ବ ଆଡ଼କୁ ଆର୍ଯ୍ୟମାନଙ୍କ ସମ୍ପ୍ରସାରଣର ପରିଣାମ । କ୍ରମେ ବୃହତ୍ ରାଜ୍ୟସବୁ ଋକ୍‌ବେଦୀୟ ଯୁଗର ଜନଜାତୀୟ ରାଷ୍ଟ୍ରର ସ୍ଥାନ ଗ୍ରହଣ କଲେ । ରାଜ୍ୟର ଆକାର ବଢ଼ିବା ସହ ରାଜାଙ୍କ କ୍ଷମତା ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଲା । ପରବର୍ତ୍ତୀ ବୈଦିକ ରାଜାମାନେ ନିଜକୁ ସମ୍ରାଟ ବା ଏକରାଟ ଅର୍ଥାତ୍ ଏକମେବ ସାର୍ବଭୌମ ପଦବୀରେ ଭୂଷିତ କଲେ । ରାଜ୍ୟର କାରବାର ପରିଚାଳନା ପାଇଁ ଅଧିକାରୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଲା । ପରବର୍ତ୍ତୀ ବୈଦିକ ସାହିତ୍ୟ ଏଇ ଅଧିକାରୀମାନଙ୍କୁ ରତ୍ନ ବୋଲି ଅଭିହିତ କରିଛି । ***ତୈତ୍ତିରୀୟ ସଂହିତା*** ଏଭଳି ଦଶଟି ରତ୍ନ

ପୁରୋହିତ, ସୂତ (ସାରଥି), ମହୀଷୀ (ପ୍ରଧାନ ରାଣୀ), ପରିବୃକ୍ତି (ବୟସ୍କା ରାଣୀ), ବବଟା (କନିଆ ରାଣୀ), ସଂଗ୍ରାହିତୃ (କୋଷାଧ୍ୟକ୍ଷ), ଅକ୍ଷବପ (ଦ୍ୟୂତାଧ୍ୟକ୍ଷ), ସେନାନୀ (ସେନାପତି), ଗ୍ରାମଣୀ (ଗାଁ ମୁଖିଆ) ଓ ଭଗଦୁଘ (ରାଜସ୍ୱ ସଂଗ୍ରାହକ) ସମ୍ବନ୍ଧରେ ଆମକୁ ସୂଚନା ଦିଏ ।

ମୋଟ ଉପରେ ପରବର୍ତ୍ତୀ ବୈଦିକ ଯୁଗ ବେଳକୁ ସମାଜରେ ଢେର ପରିବର୍ତ୍ତନ ଆସି ସାରିଥିଲା । ସମ୍ଭବତଃ ଏହି ଯୁଗରୁ ଜାତି ବ୍ୟବସ୍ଥା କଠୋର ହେବା ଆରମ୍ଭ କଲା । ସମାଜରେ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ କ୍ଷମତା ଓ ମର୍ଯ୍ୟାଦାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଲା । ଅନ୍ୟ ଜାତିମାନଙ୍କ ପାଇଁ ନିଷିଦ୍ଧ ସ୍ୱତନ୍ତ୍ର ସ୍ୱାଧିକାର ସବୁ ସେମାନେ ଭୋଗ କଲେ । ଜାତି ଏକ ଉତ୍ତରାଧିକାରରେ ପରିଣତ ହେଲା । ସ୍ପୃଶ୍ୟାସ୍ପୃଶ୍ୟ ଅବଧାରଣା ସମାଜରେ ଚେର ମେଲିବାକୁ ଆରମ୍ଭ କଲା । ପରବର୍ତ୍ତୀ ବୈଦିକ ସମାଜରେ ମହିଳାମାନଙ୍କ ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ପରିଲକ୍ଷିତ ହେଲା । ଋକ୍‌ବେଦୀୟ ଯୁଗରେ ସେମାନେ ଉପଭୋଗ କରୁଥିବା ମର୍ଯ୍ୟାଦାଜନକ ସାମାଜିକ ସ୍ଥିତି ହରାଇଲେ । ମହିଳାମାନଙ୍କ ସ୍ୱାଧୀନତା ଓ ସମାନତା ମଧ୍ୟ କ୍ରମଶଃ ଅଦୃଶ୍ୟ ହେବାକୁ ଲାଗିଲା । କନ୍ୟା ସନ୍ତାନର ଜନ୍ମକୁ ହେୟ ଦୃଷ୍ଟିରେ ଦେଖାଗଲା । ଯୌତୁକ ବ୍ୟବସ୍ଥା ଜନପ୍ରିୟ ହେବାକୁ ଲାଗିଲା । ମୋଟ ଉପରେ ମହିଳାମାନଙ୍କୁ ଏକ ନିମ୍ନ କୋଟୀ ବା ନୀଚ ଶ୍ରେଣୀ ରୂପେ ଦେଖିବାକୁ ଆରମ୍ଭ କରାଗଲା ।

ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଏକ ଆଖିଦୃଶିଆ ଅଭିବୃଦ୍ଧି ଆସିଲା । ପରବର୍ତ୍ତୀ ବୈଦିକ ଆର୍ଯ୍ୟମାନେ ଉଭୟ ଅନ୍ତର୍ଦେଶୀୟ ଓ ବହିର୍ବାଣିଜ୍ୟ କରୁଥିଲେ । ଏତିକି ବେଳକୁ ସେମାନେ ନୌଚାଳନା କଳା ଆୟତ୍ତ କରିସାରିଥିଲେ । ବିଧିବଦ୍ଧ ମୁଦ୍ରା ଅଭାବରେ ***ନିଷ୍କ*** କୁହାଯାଉଥିବା ଏକ ସୁବର୍ଣ୍ଣ ଖଣ୍ଡ ମୂଲ୍ୟର ଏକକ ଭାବେ ବ୍ୟବହୃତ ହେଉଥିଲା । କୃଷିର ପ୍ରଚଳନ ତଥାପି ଏକ ମହତ୍ୱପୂର୍ଣ୍ଣ ପେସା ରୂପେ ରହିଥିଲା । ପରବର୍ତ୍ତୀ ବେଦଗୁଡ଼ିକରେ ବ୍ୟବସାୟୀ, କରଜଦାତା ଆଦି ଅନେକ ପେସାର ଉଲ୍ଲେଖ ମିଳେ ।

ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟମାନଙ୍କ ଆଧ୍ୟାତ୍ମିକ ଜୀବନରେ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହେଲା । ***ଇନ୍ଦ୍ର, ବରୁଣ, ସୂର୍ଯ୍ୟ*** ଆଦି ଋକ୍‌ବେଦୀୟ ଦେବତାମାନେ ସେମାନଙ୍କ ପୂର୍ବ ମହତ୍ୱ ହରାଇ ***ରୁଦ୍ର, ବିଷ୍ଣୁ, ପ୍ରଜାପତି*** ଆଦି ନୂତନ ଦେବତାଙ୍କ ଦ୍ୱାରା ବିସ୍ଥାପିତ ହେଲେ । ପରବର୍ତ୍ତୀ ବୈଦିକ

ଧର୍ମରେ ***ଯଜ୍ଞ***ର ଭୂମିକା ଅଧିକ ମହତ୍ୱପୂର୍ଣ୍ଣ ହୋଇଉଠିଲା । ଋକ୍‌ବେଦୀୟ ଯଜ୍ଞଗୁଡ଼ିକ ଥିଲା ସରଳ । କିନ୍ତୁ ପରବର୍ତ୍ତୀ କାଳରେ ଯଜ୍ଞଗୁଡ଼ିକ ଅଧିକ ଜଟିଳ, ଔପଚାରିକ ଓ ବ୍ୟୟବହୁଳ ହେବାକୁ ଲାଗିଲା । ଅଧିକନ୍ତୁ ମର ଲୋକର ମନୁଷ୍ୟ ଓ ଅମର ଲୋକର ଦେବତାଙ୍କ ମଧ୍ୟରେ ବ୍ରାହ୍ମଣମାନେ ମଧ୍ୟସ୍ଥ ଭାବେ ଅବତୀର୍ଣ୍ଣ ହେବାକୁ ଦ୍ରୁତ ଗତିରେ ମାଡ଼ି ଆସିଲେ । କ୍ରମଶଃ ଧର୍ମ ସାଧାରଣ ମଣିଷର ସାମର୍ଥ୍ୟ ବାହାରକୁ ଚାଲିଗଲା ଯାହା ସମାଜର ଅନେକଙ୍କୁ ଅସନ୍ତୁଷ୍ଟ କଲା ।

ବ୍ୟାପକ ଔପଚାରିକତା ଓ ପୁରୋହିତ ଶ୍ରେଣୀର ଔଦ୍ଧତ୍ୟର ପ୍ରତିକ୍ରିୟା ସ୍ୱରୂପ ପରବର୍ତ୍ତୀ ବୈଦିକ ଧର୍ମରେ ଏକ ଦାର୍ଶନିକ ଧାରା ବିକଶିତ ହେଲା । ଦାର୍ଶନିକମାନଙ୍କ ଜିଜ୍ଞାସୁ ମନ ସୃଷ୍ଟି, ଜୀବନ ଓ ମରଣର ବିବିଧ ବିଭାବ ଅନୁସନ୍ଧାନ କରିବାକୁ ଲାଗିଲା । ଉପନିଷଦଗୁଡ଼ିକରେ ***ଆତ୍ମା*** (ଅନ୍ତଃସ୍ଥ ସତ୍ତା) ଓ ***ବ୍ରହ୍ମ*** (ସର୍ବୋଚ୍ଚ ସ୍ରଷ୍ଟା) ଅବଧାରଣା ପ୍ରଚାରିତ ହେଲା । ମୃତ୍ୟୁ କେବଳ ମନୁଷ୍ୟ ଶରୀରର ବିନାଶ ଘଟାଏ; ଆତ୍ମାର ନୁହେଁ । ଅତଏବ, ଆତ୍ମା ବାରଂବାର ଜନ୍ମ ନିଏ । ଆତ୍ମା କେବଳ ***ବ୍ରହ୍ମ*** ସହିତ ମିଳିତ ହେଲେ ହିଁ ଜନ୍ମାନ୍ତରରୁ ଅବ୍ୟାହତି ପାଏ ଏବଂ ମୋକ୍ଷ(ମୁକ୍ତି)ରେ ଉପନୀତ ହୁଏ । କିନ୍ତୁ ଏହା ବିଭିନ୍ନ ଜନ୍ମରେ ଆତ୍ମାର ***କର୍ମ*** ଉପରେ ନିର୍ଭରଶୀଳ । ଏହିଭଳି ଆତ୍ମାର ଘଟାନ୍ତର, ***କର୍ମ***, ***ମୋକ୍ଷ*** ଆଦି ଦାର୍ଶନିକ ତତ୍ତ୍ୱର ଉଦ୍ଭବ ହେଲା ।

**କ୍ରିୟା- ୨.୧**

ହରପ୍ପା ସଭ୍ୟତା ଓ ବୈଦିକ ସଭ୍ୟତାର ପାର୍ଥକ୍ୟଗୁଡ଼ିକ ନିରୂପଣ କରିବାକୁ ଚେଷ୍ଟା କରନ୍ତୁ ।

..........................................................................................................

..........................................................................................................

**ପ୍ରଗତି ପରୀକ୍ଷଣ**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୮.** ଠିକ/ଭୁଲ ଲେଖନ୍ତୁ ।

କ) ଗୋପତିର ଅର୍ଥ ଗୋଧନର ରକ୍ଷକ ।

ଖ) ହିରଣ୍ୟକାର ଥିଲା ତାମ୍ରକାର ବା ଥଟାରି ।

ଗ) ଆର୍ଯ୍ୟମାନେ ଦେବାଦେବୀଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରୁଥିଲେ ।

ଘ) ବୈଦିକ ରୀତିନୀତିରେ ଯଜ୍ଞର ସ୍ଥାନ ଥିଲା ପ୍ରମୁଖ ।

ଙ) ସମ୍ରାଟ ବା ଏକରାଟର ଅର୍ଥ ଏକମେବ ଅଧିପତି ।

ଚ) ପରବର୍ତ୍ତୀ ବୈଦିକ ଯୁଗରେ କନ୍ୟା ସନ୍ତାନ ଜନ୍ମ ପରିବାରରେ ସ୍ୱାଗତଯୋଗ୍ୟ ଥିଲା ।

**ପ୍ରଶ୍ନ ୯.** ସ୍ତମ୍ଭ ମିଳାନ୍ତୁ ।

| | |
|---|---|
| କ) ତକ୍ଷଣ | ୧. ଅନ୍ତରୀକ୍ଷ ଦେବତା |
| ଖ) ରୁଦ୍ର | ୨. ରାଣୀ |
| ଗ) ବବଟା | ୩. ବଢ଼େଇ |
| ଘ) କର୍ମ | ୪. ଦାର୍ଶନିକ ସିଦ୍ଧାନ୍ତ |

**ପ୍ରଶ୍ନ ୧୦.** ଋକ୍‌ବେଦୀୟ ଅର୍ଥନୀତି ସମ୍ବନ୍ଧରେ ଆପଣ କ'ଣ ଜାଣନ୍ତି ?(୬୦ ଶବ୍ଦ ମଧ୍ୟରେ ଉତ୍ତର ଲେଖନ୍ତୁ ।)

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

## ୨.୫ ସାରାଂଶ

ଏହି ଏକକ ଅଧ୍ୟୟନ କରି ଆପଣ ଜାଣିଲେ-

- ❖ ହରପ୍ପା ସଭ୍ୟତାର ପତନ ପରେ ଭାରତୀୟ ଆର୍ଯ୍ୟମାନଙ୍କ ଦ୍ୱାରା ବୈଦିକ ସଭ୍ୟତା ବିକଶିତ ହୋଇଥିଲା । ଆଦି ବୈଦିକ ସଭ୍ୟତାର କାଳ ଖ୍ରୀ.ପୂ. ୧୫୦୦ରୁ ଖ୍ରୀ.ପୂ.

୧୦୦୦ । ଏହା ଋକ୍‌ବେଦୀୟ ଯୁଗ ରୂପେ ବିଦିତ । ଅତଏବ, ସଭ୍ୟତାଟି ମଧ୍ୟ ଋକ୍‌ବେଦୀୟ ସଭ୍ୟତା ରୂପେ ପ୍ରଖ୍ୟାତ ।

- ସମାଜର ଭିତ୍ତି ପିତୃକୈନ୍ଦ୍ରିକ ପରିବାର ଥିଲେ ମଧ୍ୟ ମହିଳାମାନଙ୍କ ସ୍ଥାନ ସମ୍ମାନଜନକ ଥିଲା । ସମାଜ ଥିଲା ଚାରି ଶ୍ରେଣୀରେ ବିଭକ୍ତ । କିନ୍ତୁ ଏ ବିଭାଜନ କଠୋର ନ ଥିଲା ।
- ଶାସନର ସ୍ୱରୂପ ଥିଲା ରାଜତାନ୍ତ୍ରିକ । ରାଜାଙ୍କୁ ରାଜନ୍ କୁହାଯାଉଥିଲା । ପ୍ରଜାମାନଙ୍କ ସୁରକ୍ଷା ଓ ସମ୍ପନ୍ନତା ଥିଲା ତାଙ୍କ ଦାୟିତ୍ୱ ।
- ଅର୍ଥବ୍ୟବସ୍ଥା ଥିଲା ମୁଖ୍ୟତଃ ଚାରଣ ଭିତ୍ତିକ । କୃଷି, ବାଣିଜ୍ୟ ଓ ଶିଳ୍ପର ପ୍ରଚଳନ ଥିଲା ସୀମିତ ।
- ଜନସାଧାରଣ ପ୍ରକୃତିର ପ୍ରତ୍ୟେକ ବିଭାବର ଉପାସନା କରୁଥିଲେ । ତେଣୁ ଆର୍ଯ୍ୟମାନଙ୍କ ଧର୍ମରେ ଦେବୀ ଦେବତା ଥିଲେ ସଂଖ୍ୟାଧିକ । ସେମାନେ ଦେବତାମାନଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରୁଥିଲେ; ଭୂଲୋକ ଦେବତା, ଅନ୍ତରୀକ୍ଷ ଦେବତା ଓ ଦ୍ୟୁଲୋକ ଦେବତା । ଦେବୀମାନଙ୍କ ଅପେକ୍ଷା ଦେବତାମାନେ ଶ୍ରେଷ୍ଠତର ବିବେଚିତ ହେଉଥିଲେ ।
- ଋକ୍‌ବେଦୀୟ ଓ ପରବର୍ତ୍ତୀ ବୈଦିକ ସଭ୍ୟତା ମଧ୍ୟରେ ଅନେକ ଅନ୍ତର ସୁସ୍ପଷ୍ଟ । ପରବର୍ତ୍ତୀ ବୈଦିକ ଯୁଗରେ ଜୀବନ ଥିଲା ଅଧିକ ବ୍ୟବସ୍ଥିତ । ବୃହତ୍ ରାଜ୍ୟମାନଙ୍କ ଅଭ୍ୟୁଦୟ ସହ ରାଜାମାନଙ୍କ କ୍ଷମତାରେ ଅନୁରୂପ ବୃଦ୍ଧି ଘଟିଲା । ସମାଜ ଉପରେ ଜାତିବ୍ୟବସ୍ଥା କଠୋର ଭାବେ ଲଦିଦେବା ଆରମ୍ଭ ହେଲା ।
- ଋକ୍‌ବେଦୀୟ ଯୁଗରେ ମହିଳାମାନେ ଉପଭୋଗ କରୁଥିବା ସାମାଜିକ ସ୍ଥିତି ପରବର୍ତ୍ତୀ ବୈଦିକ ଯୁଗରେ ହରାଇ ବସିଲେ । ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ବିକାଶ ଘଟିଲା ।
- ଧର୍ମ କ୍ଷେତ୍ରରେ ଋକ୍‌ବେଦୀୟ ଦେବତାମାନେ ପରବର୍ତ୍ତୀ ବୈଦିକ ଯୁଗରେ ରୁଦ୍ର, ବିଷ୍ଣୁ ଆଦି ନୂତନ ଦେବତାଙ୍କ ଦ୍ୱାରା ବିସ୍ଥାପିତ ହେଲେ ।

## ୨.୬ ପରବର୍ତ୍ତୀ ପଠନ

1) Jha, D.N. (1977), *Ancient India-An Introductory Outline*, Peoples' Publishing House, New Delhi-110055

2) Majumdar, R.C., Raychaudhuri, H.C., Datta, K. (1986). *An Advanced History of India.* New Delhi, Macmillan India Ltd.

3) Raychaudhuri, H.C. (1972). *Political History of Ancient India.* Calcutta, University of Calcutta.

4) Tripathi, Ramashankar (1999). *History of Ancient India.* Delhi, Motilal Banarsidass Publishers Pvt. Ltd.

## ୨.୭ ପ୍ରଗତି ପରିମାପକ ଉତ୍ତର

**ପ୍ରଶ୍ନ ୧ର ଉତ୍ତର:** ଭାରତୀୟ ଆର୍ଯ୍ୟ

**ପ୍ରଶ୍ନ ୨ର ଉତ୍ତର:** ଋକ୍‌ବେଦ, ଯଜୁଃ ବେଦ, ସାମ ବେଦ ଓ ଅଥର୍ବ ବେଦ

**ପ୍ରଶ୍ନ ୩ର ଉତ୍ତର:** ଗୃହପତି ବା କୁଳପତି

**ପ୍ରଶ୍ନ ୪ର ଉତ୍ତର:** ସୋମ ଓ ସୁରା

**ପ୍ରଶ୍ନ ୫ର ଉତ୍ତର:** ଗୋପ

**ପ୍ରଶ୍ନ ୬ର ଉତ୍ତର:** ସଭା ଓ ସମିତି

**ପ୍ରଶ୍ନ ୭ର ଉତ୍ତର:** (କ) ବେଦ, (ଖ) ବୈଦିକ, (ଗ) ଦ୍ୟୁତ, (ଘ) ପରିବାର

**ପ୍ରଶ୍ନ ୮ର ଉତ୍ତର:** (କ) ଠିକ, (ଖ) ଭୁଲ, (ଗ) ଭୁଲ, (ଘ) ଠିକ, (ଙ) ଠିକ, (ଚ) ଭୁଲ

**ପ୍ରଶ୍ନ ୯ର ଉତ୍ତର:** (କ) ୩, (ଖ) ୧, (ଗ) ୨, (ଘ) ୪

**ପ୍ରଶ୍ନ ୧୦ର ଉତ୍ତର:** ଋକ୍‌ବେଦୀୟ ଅର୍ଥବ୍ୟବସ୍ଥା ଥିଲା ମୁଖ୍ୟତଃ ଚାରଣଭିତ୍ତିକ । ବିଭିନ୍ନ ଉଦ୍ଦେଶ୍ୟରେ ଋକ୍‌ବେଦୀୟ କାଳରେ ଆର୍ଯ୍ୟମାନେ ଗୋରୁ, ଘୋଡ଼ା, ମେଣ୍ଢା, ଛେଳି ଆଦି ପାଳନ କରୁଥିଲେ । ଏ ସମୟରେ କୃଷି, ବାଣିଜ୍ୟ, ଶିଳ୍ପର ମଧ୍ୟ ପ୍ରଚଳନ ଥିଲା । କୃଷି ଥିଲା ସୀମିତ; କିନ୍ତୁ, ଆର୍ଯ୍ୟମାନେ ଥିଲେ ଲଙ୍ଗଳ ଫଳାର ପ୍ରବର୍ତ୍ତକ । ବିନିମୟ ଦ୍ୱାରା ଅନ୍ତର୍ଦେଶୀୟ ବାଣିଜ୍ୟ ସଂଘଟିତ ହେଉଥିଲା । ତକ୍ଷଣ, ହିରଣ୍ୟକାର ଆଦି ଥିଲେ କାରିଗର ।

## ୨.୮ ଆଦର୍ଶ ପ୍ରଶ୍ନାବଳୀ

**କ) ଅତି ସଂକ୍ଷିପ୍ତ ପ୍ରଶ୍ନ** (ପ୍ରତି ପ୍ରଶ୍ନର ଉତ୍ତର ୫୦ ଶବ୍ଦ ମଧ୍ୟରେ ଲେଖନ୍ତୁ)

**ପ୍ରଶ୍ନ ୧.** ରାଜନ୍ କାହାକୁ କୁହାଯାଉଥିଲା ?

**ପ୍ରଶ୍ନ ୨.** ବୈଦିକ ସଭ୍ୟତାର ରାଜନୀତିକ ଅନୁଷ୍ଠାନଗୁଡ଼ିକର ନାମ ଲେଖନ୍ତୁ ।

**ପ୍ରଶ୍ନ ୩.** ଋକ୍‌ବେଦୀୟ ଯୁଗର ଦୁଇ ଜଣ ମହିଳା ବିଦ୍ୱାନଙ୍କ ନାମ ଲେଖନ୍ତୁ ।

**ପ୍ରଶ୍ନ ୪.** ସମ୍ରାଟ କିଏ ?

**ଖ) ସଂକ୍ଷିପ୍ତ ପ୍ରଶ୍ନ** (ପ୍ରତି ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ଲେଖନ୍ତୁ)

**ପ୍ରଶ୍ନ ୧.** ଋକ୍‌ବେଦୀୟ ସମାଜର ପ୍ରଧାନ ବୈଶିଷ୍ଟ୍ୟଗୁଡ଼ିକ ଲେଖନ୍ତୁ ।

**ପ୍ରଶ୍ନ ୨.** ଋକ୍‌ବେଦୀୟ ଶାସନତନ୍ତ୍ର କିପରି ଥିଲା ?

**ପ୍ରଶ୍ନ ୩.** ଆଦି ବୈଦିକ ଯୁଗ ସହ ପରବର୍ତ୍ତୀ ବୈଦିକ ଯୁଗର ତୁଳନା କରନ୍ତୁ ।

**ଗ) ଦୀର୍ଘ ପ୍ରଶ୍ନ** (ପ୍ରତି ପ୍ରଶ୍ନର ଉତ୍ତର ୩୦୦-୫୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ)

**ପ୍ରଶ୍ନ ୧.** ବୈଦିକ ସଭ୍ୟତାର ରାଜନୀତିକ ଅନୁଷ୍ଠାନ ସମ୍ବନ୍ଧରେ ଆଲୋଚନା କରନ୍ତୁ ।

**ପ୍ରଶ୍ନ ୨.** ବୈଦିକ ସଭ୍ୟତାର ବିଶଦ ବିବରଣୀ ପ୍ରଦାନ କରନ୍ତୁ ।

**ପ୍ରଶ୍ନ ୩.** ପରବର୍ତ୍ତୀ ବୈଦିକ ସଭ୍ୟତାର ସାମାଜିକ ଆର୍ଥିକ ଅବସ୍ଥା ଆଲୋଚନା କରନ୍ତୁ ।

# ତୃତୀୟ ଏକକ:

# ବୌଦ୍ଧ ଧର୍ମ, ଜୈନ ଧର୍ମ ଓ ଅପର ଧାର୍ମିକ ସିଦ୍ଧାନ୍ତ ସମୂହ

## ବିଷୟ ଗଠନ:


୩.୦ ପଠନର ଉଦ୍ଦେଶ୍ୟ

୩.୧ ଉପକ୍ରମ

୩.୨ ନୂତନ ଧାର୍ମିକ ସିଦ୍ଧାନ୍ତର ଅଭ୍ୟୁଦୟ

୩.୩ ଗୌତମ ବୁଦ୍ଧ ଓ ବୌଦ୍ଧ ଧର୍ମର ଉଦ୍ଭବ

୩.୪ ବୁଦ୍ଧଙ୍କ ଉପଦେଶ

୩.୫ ବୌଦ୍ଧ ଧର୍ମର ବିକାଶ

    ୩.୫.୧ ବୌଦ୍ଧ ଧର୍ମର ପ୍ରସାର

    ୩.୫.୨ ସଂଘ

    ୩.୫.୩ ବୌଦ୍ଧ ପରିଷଦ

    ୩.୫.୪ ବୌଦ୍ଧ ସମ୍ପ୍ରଦାୟ ସମୂହ

୩.୬ ଜୈନ ଧର୍ମର ଉଦ୍ଭବ

    ୩.୬.୧ ପାର୍ଶ୍ୱନାଥ

    ୩.୬.୨ ମହାବୀର

୩.୭ ମହାବୀରଙ୍କ ଉପଦେଶ

୩.୮ ଜୈନ ଧର୍ମର ବିକାଶ

    ୩.୮.୧ ଜୈନ ଧର୍ମର ପ୍ରସାର

    ୩.୮.୨ ଜୈନ ପରିଷଦ

    ୩.୮.୩ ଜୈନ ସମ୍ପ୍ରଦାୟ ସମୂହ

୩.୯ ଅପର ନାସ୍ତିକ ସିଦ୍ଧାନ୍ତ ସମୂହ

    ୩.୯.୧ ଆଜୀବିକ

    ୩.୯.୨ ଅପର ସିଦ୍ଧାନ୍ତ ସମୂହ

୩.୧୦ ନୂତନ ଧାର୍ମିକ ଆନ୍ଦୋଳନର ପ୍ରଭାବ

୩.୧୧ ସାରାଂଶ

୩.୧୨ ସୂଚକ ଶବ୍ଦାବଳୀ

୩.୧୩ ପ୍ରଗତି ପରିମାପକ ଉତ୍ତର

## ୩.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଠନ ପରେ ଆପଣ ନିମ୍ନ ବିଷୟଗୁଡ଼ିକ ଜାଣିବାକୁ ସମର୍ଥ ହୋଇପାରିବେ:

- ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ନୂତନ ଧାର୍ମିକ ସିଦ୍ଧାନ୍ତ ଅଭ୍ୟୁଦୟର ପୃଷ୍ଠଭୂମି
- ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଅଭ୍ୟୁଦୟ ଓ ବିକାଶ
- ଏଇ ଧର୍ମଗୁଡ଼ିକର ପ୍ରଧାନ ତତ୍ତ୍ୱ ସମୂହ
- ସମକାଳୀନ ସମାଜରେ ଏଇ ଧର୍ମଗୁଡ଼ିକର ପ୍ରଭାବ
- ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ପ୍ରଚଳିତ ଅପର ନାସ୍ତିକ ସିଦ୍ଧାନ୍ତ ସମୂହ
- ଏଇ ଧାର୍ମିକ ଆନ୍ଦୋଳନଗୁଡ଼ିକର ମହତ୍ୱ

## ୩.୧ ଉପକ୍ରମ

ନୂତନ ଧର୍ମର ବିକାଶ ଦୃଷ୍ଟିରୁ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ଭାରତୀୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣ । ଏଇ ସମୟରେ ବ୍ରାହ୍ମଣମାନଙ୍କ ରକ୍ଷଣଶୀଳ କର୍ମକାଣ୍ଡ ସିଦ୍ଧାନ୍ତ ବିରୋଧରେ ଏକ କ୍ରମବର୍ଦ୍ଧମାନ ପ୍ରତିରୋଧ ଲକ୍ଷ୍ୟ କରାଯାଏ । ପରିଣାମ ସ୍ୱରୂପ ବହୁ ନାସ୍ତିକ ଧାର୍ମିକ ଆନ୍ଦୋଳନର ଅଭ୍ୟୁଦୟ ଏ ସମୟରେ ଘଟିଛି । ଏଗୁଡ଼ିକ ମଧ୍ୟରୁ ବୌଦ୍ଧଧର୍ମ ଓ ଜୈନଧର୍ମ ସୁସଂଗଠିତ ଜନପ୍ରିୟ ଧର୍ମ ରୂପେ ବିକାଶ ଲାଭ କରିଛି । ଏଇ ଏକକରେ ନୂତନ ଧାର୍ମିକ ସିଦ୍ଧାନ୍ତଗୁଡ଼ିକର ଅଭ୍ୟୁଦୟ ଓ ମହତ୍ୱ ବିଶ୍ଳେଷଣ କରାଯାଉଛି ।

ପ୍ରଥମତଃ ନାସ୍ତିକ ସିଦ୍ଧାନ୍ତଗୁଡ଼ିକର ଅଭ୍ୟୁଦୟ ଓ ବିକାଶ ପଛରେ ନିହିତ କାରକ ସମୂହର ବିଶ୍ଳେଷଣ କରାଯିବ । ପରେ ବୁଦ୍ଧ ଓ ମହାବୀର ନିଜ ନିଜ ମାର୍ଗରେ ମାନବ କ୍ଳେଶର ବିନାଶ ପାଇଁ କିପରି ସମାଧାନ ନିରୂପଣ କରିଛନ୍ତି ତାହା ସ୍ପଷ୍ଟ କରାଯିବ । ଏଇ ଧର୍ମ ଦୁଇଟିର ଅଭ୍ୟୁଦୟ ପଛରେ ରହିଥିବା କାରଣଗୁଡ଼ିକ ଯେହେତୁ ସ୍ୱଭାବତଃ ସମାନ ଏମାନଙ୍କ ଦ୍ୱାରା ଅଙ୍ଗୀକୃତ ତତ୍ତ୍ୱରେ କେତେକ ସାଦୃଶ୍ୟ ପରିଲକ୍ଷିତ ହୁଏ । ତେବେ ଏକାଧିକ ମୌଳିକ ତତ୍ତ୍ୱ ଦୃଷ୍ଟିରୁ ସେମାନେ ସମ୍ପୂର୍ଣ୍ଣ ଭିନ୍ନ । ଏଇ ଏକକରେ ସେଗୁଡ଼ିକ ଆଲୋଚନା କରାଯିବ ।

ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ପ୍ରଚଳିତ ଅପର ନାସ୍ତିକ ଧାର୍ମିକ ସିଦ୍ଧାନ୍ତ ସମୂହର ଆଲୋଚନା ମଧ୍ୟ କରାଯିବ । ପରିଶେଷରେ ସମକାଳୀନ ସମାଜ ଓ ଅର୍ଥନୀତି ଉପରେ ଏଇ ଧାର୍ମିକ ଆନ୍ଦୋଳନଗୁଡ଼ିକର ପ୍ରଭାବ କଳନା କରାଯିବ ।

## ୩.୨ ନୂତନ ଧାର୍ମିକ ସିଦ୍ଧାନ୍ତର ଅଭ୍ୟୁଦୟ

ପ୍ରଚଳିତ ସାମାଜିକ, ଆର୍ଥନୀତିକ ଓ ଧାର୍ମିକ ପରିସ୍ଥିତି ଯୋଗୁଁ ଏଇ ସମୟରେ ନୂତନ ଧାର୍ମିକ ସିଦ୍ଧାନ୍ତଗୁଡ଼ିକର ଅଭ୍ୟୁଦୟ ଘଟିଥିଲା । ଆସନ୍ତୁ ସେମାନଙ୍କ ଅଭ୍ୟୁଦୟ ପାଇଁ ଦାୟୀ କେତେକ ମୂଳଭୂତ କାରଣର ବିଶ୍ଳେଷଣ କରିବା:

୧. ବୈଦିକ ଧର୍ମାଚାର ଜଟିଳ ହୋଇସାରିଥିଲା । ସେ ସମୟର ନୂତନ ସମାଜ ପରିପ୍ରେକ୍ଷୀରେ ଅଧିକାଂଶ କ୍ଷେତ୍ରରେ ଏସବୁ ଅର୍ଥଶୂନ୍ୟ ଔପଚାରିକତାରେ ପରିଣତ ହୋଇଯାଇଥିଲା । ବଳି ଓ କର୍ମକାଣ୍ଡର ପ୍ରାଧାନ୍ୟ ବୃଦ୍ଧି ଘଟିଥିଲା ଏବଂ ସେସବୁ ଅଧିକ ବ୍ୟାପକ ଓ ବ୍ୟୟବହୁଳ ଥିଲା । ସମାଜର ଐକ୍ୟ ହାନି ସହ ଏଗୁଡ଼ିକରେ ଅଂଶଗ୍ରହଣ ସୀମିତ ହୋଇପଡ଼ିଥିଲା । ଏପରିକି ସମାଜର ଅନେକ ବର୍ଗଙ୍କ ପାଇଁ ଏଗୁଡ଼ିକ ଥିଲା ଅପ୍ରାସଙ୍ଗିକ ।
୨. ବଳି ଓ କର୍ମକାଣ୍ଡର କ୍ରମବର୍ଦ୍ଧମାନ ଗୁରୁତ୍ୱ ସମାଜରେ ବ୍ରାହ୍ମଣମାନଙ୍କ ଆଧିପତ୍ୟ ପ୍ରତିଷ୍ଠା କରିଥିଲା । ସେମାନେ ଥିଲେ ଉଭୟ ପୁରୋହିତ ଓ ଗୁରୁ । ଏବଂ ପବିତ୍ର ଧାର୍ମିକ କର୍ମକାଣ୍ଡ

ଅନୁଷ୍ଠିତ କରାଇବାର ଏକାଧିପତ୍ୟ ବଳରେ ସେମାନେ ତତ୍କାଳରେ ଚାରିବର୍ଣ୍ଣରେ ବିଭକ୍ତ ସମାଜରେ ସର୍ବୋଚ୍ଚ ଆସନ ଦାବୀ କରୁଥିଲେ ।

୩. ଅପର ପକ୍ଷରେ ସମକାଳୀନ ଆର୍ଥିକ ଓ ସାମାଜିକ ଘଟଣାକ୍ରମ ପ୍ରଚଣ୍ଡ ଆର୍ଥନୀତିକ କ୍ଷମତା ଅକ୍ତିଆର କରିଥିବା ନୂତନ ସାମାଜିକ ଗୋଷ୍ଠୀର ଅଭ୍ୟୁଦୟ ଲାଗି ଅନୁକୂଳ ଥିଲା । ନଗରବାସୀ ବଣିକ ଏପରିକି ଧନାଢ୍ୟ କୃଷିଜୀବୀ ଏ ସମୟରେ ପ୍ରଚୁର ସମ୍ପଦର ଅଧିକାରୀ ହୋଇଥିବା ଲକ୍ଷ୍ୟ କରାଯାଏ । ଅନୁରୂପ ଭାବେ ରାଜ୍ୟ ହେଉ କି ***ଗଣସଂଘ*** ସର୍ବତ୍ର କ୍ଷତ୍ରିୟମାନେ ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ରାଜନୀତିକ କ୍ଷମତା ଉପଯୋଗ କରୁଥିଲେ । ଏଇ ସବୁ ସାମାଜିକ ଗୋଷ୍ଠୀ ବ୍ରାହ୍ମଣମାନଙ୍କ ଦ୍ୱାରା ଉତ୍ତରାଧିକାର କ୍ରମରେ ସେମାନଙ୍କ ପାଇଁ ନିରୂପିତ ସାମାଜିକ ସ୍ଥିତିର ବିରୋଧାଚରଣ କରୁଥିଲେ । ବୌଦ୍ଧ ଧର୍ମ ଓ ଜୈନ ଧର୍ମ ସାମାଜିକ ପ୍ରତିଷ୍ଠା ପାଇଁ ଜନ୍ମ ପରିଚୟକୁ ଅଧିକ ଗୁରୁତ୍ୱ ଦେଉ ନ ଥିବାରୁ ନିଜ ପ୍ରତି ବୈଶ୍ୟମାନଙ୍କୁ ଆକୃଷ୍ଟ କରିଥିଲେ । ଅନୁରୂପ ଭାବେ ଶାସକ ଶ୍ରେଣୀ ବା କ୍ଷତ୍ରିୟମାନେ ମଧ୍ୟ ବ୍ରାହ୍ମଣ ଆଧିପତ୍ୟରେ ଅସୁଖୀ ଥିଲେ । ଚୁମ୍ବକରେ କହିବାକୁ ଗଲେ ସମାଜରେ ବ୍ରାହ୍ମଣମାନଙ୍କ ଆଧିପତ୍ୟରୁ ଜାତ ଅସନ୍ତୋଷ ନୂତନ ଧାର୍ମିକ ସିଦ୍ଧାନ୍ତଗୁଡ଼ିକ ପ୍ରତି ସାମାଜିକ ସମର୍ଥନର ଥିଲା ମୌଳିକ କାରଣ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉଭୟ ବୁଦ୍ଧ ଓ ମହାବୀର ଥିଲେ କ୍ଷତ୍ରିୟ । ଅଥଚ ଚାପଗ୍ରସ୍ତ ସମାଜର ସମସ୍ୟା ସବୁର ସମାଧାନ ପାଇଁ ସେମାନେ ଜନ୍ମସିଦ୍ଧ ସୀମାରେଖା ଅତିକ୍ରମ କରିଥିଲେ । ଏପରିକି ସେମାନଙ୍କ ସିଦ୍ଧାନ୍ତ ସବୁ ସମକାଳୀନ ଜନତାଙ୍କ ଦ୍ୱାରା କିଭଳି ଗ୍ରହଣଯୋଗ୍ୟ ହୋଇଥିଲା ନିରୂପଣ କଲାବେଳେ ଜଣାଯାଏ ଯେ ସେମାନଙ୍କ ଅନୁଗାମୀଙ୍କ ସାମାଜିକ ବ୍ୟାପ୍ତି ଥିଲା ବିସ୍ତର: ରାଜା, ବୃହତ୍ ବ୍ୟବସାୟୀ, ଧନିକ ଗୃହସ୍ଥ, ବ୍ରାହ୍ମଣ ଏପରିକି ଗଣିକା । ସେମାନେ ସମସ୍ତେ ଥିଲେ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଉଇଁ ଆସୁଥିବା ନୂତନ ସମାଜର ପ୍ରତିନିଧି ଏବଂ ବୁଦ୍ଧ, ମହାବୀର ଓ ସେ ସମୟର ଅନ୍ୟ ଚିନ୍ତାନାୟକମାନେ ଏକ ନୂତନ ସାମାଜିକ ବ୍ୟବସ୍ଥା ସମ୍ମୁଖୀନ ହେଉଥିବା ସମସ୍ୟାବଳୀର ସମାଧାନ ସୂତ୍ର ନିଜ ନିଜ ମାର୍ଗରେ ଅନ୍ୱେଷଣ କରି ପାଇଥିଲେ ।

ପ୍ରଚଳିତ ଧର୍ମ ବିଶ୍ୱାସକୁ ସମାଲୋଚନା କରିବାରେ ବୁଦ୍ଧ ଓ ମହାବୀର କୌଣସି ମତେ ପ୍ରଥମ ନ ଥିଲେ । ସେମାନଙ୍କ ପୂର୍ବରୁ କପିଳ, ମକ୍ଖଲି ଗୋଶଳ, ଅଜିତ କେଶକମ୍ବଳୀ ଏବଂ ପକୁଢ

କଚ୍ଛାୟନଙ୍କ ଭଳି ବହୁ ଧର୍ମ ପ୍ରଚାରକ ବୈଦିକ ଧର୍ମର ଅନିଷ୍ଟକାରୀ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ସେମାନେ ଜୀବନ ଓ ଈଶ୍ୱରଙ୍କ ସମ୍ବନ୍ଧରେ ନୂତନ ସିଦ୍ଧାନ୍ତମାନ ବିକଶିତ କରିଥିଲେ । ନୂତନ ଦର୍ଶନ ସବୁ ମଧ୍ୟ ପ୍ରଚାରିତ ହୋଇଥିଲା । କିନ୍ତୁ ବୁଦ୍ଧ ଓ ମହାବୀର ହିଁ ବିକଳ୍ପ ଧାର୍ମିକ ବ୍ୟବସ୍ଥା ପ୍ରଦାନ କରିଥିଲେ ।

ଏହା ହେଉଛି ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ନୂତନ ଧାର୍ମିକ ବ୍ୟବସ୍ଥା ପ୍ରତିଷ୍ଠା ଓ ଅଭ୍ୟୁଦୟରେ ସହାୟକ ହୋଇଥିବା ପୃଷ୍ଠଭୂମି । ଏମାନଙ୍କ ମଧ୍ୟରେ ବୌଦ୍ଧଧର୍ମ ଓ ଜୈନଧର୍ମ ଥିଲା ସର୍ବାଧିକ ଜନପ୍ରିୟ ଓ ସୁସଂଗଠିତ । ବର୍ତ୍ତମାନ ବୌଦ୍ଧଧର୍ମ ଓ ଜୈନଧର୍ମର ଉଦ୍ଭବ ଓ ବିକାଶ ସ୍ୱତନ୍ତ୍ର ଭାବେ ଆଲୋଚିତ ହେବ ।

## ୩.୩ ଗୌତମ ବୁଦ୍ଧ ଓ ବୌଦ୍ଧ ଧର୍ମର ଉଦ୍ଭବ

ବୌଦ୍ଧ ଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧ । ତାଙ୍କ ପିତୃମାତୃ ଦତ୍ତ ନାମ ଥିଲା ସିଦ୍ଧାର୍ଥ । ପିତା ଶୁଦ୍ଧୋଦନ ଥିଲେ ଶାକ୍ୟ ବଂଶର ମୁଖ୍ୟ ଏବଂ ମାତା ମାୟା କୋଳିୟ ବଂଶର ରାଜକୁମାରୀ । ନେପାଳର ତରାଇ ସ୍ଥିତ ଲୁମ୍ବିନୀ ବନ (ଆଧୁନିକ ରୁମିନିଦେଇ) ତାଙ୍କର ଜନ୍ମସ୍ଥଳ । ଅଶୋକଙ୍କ ଏକ ସ୍ତମ୍ଭଲେଖରୁ ଏହା ଜଣାଯାଏ । ବୁଦ୍ଧଙ୍କ ଜନ୍ମ ତାରିଖ ବିତର୍କିତ; କିନ୍ତୁ ଅଧିକାଂଶ ବିଦ୍ୱାନଙ୍କ ମତରେ ଏହା ପ୍ରାୟ ଖ୍ରୀ.ପୂ. ୫୬୬ ।

ରାଜକୀୟ ଐଶ୍ୱର୍ଯ୍ୟରେ ତାଙ୍କ ଜୀବନ ଅତିବାହିତ ହୋଇଥିଲେ ସୁଦ୍ଧା ଏହା ଗୌତମଙ୍କ ମନକୁ ଆକର୍ଷିତ କରିବାରେ ବିଫଳ ହୋଇଥିଲା । ପରମ୍ପରାର ଉଲ୍ଲେଖ ପ୍ରକାରେ ସେ ଜଣେ ବୃଦ୍ଧ, ଜଣେ ରୁଗ୍ଣ, ଏକ ଶବ ଓ ଜଣେ ସନ୍ନ୍ୟାସୀଙ୍କ ଦର୍ଶନରେ ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ମାନବ ଜୀବନର କ୍ଳେଶ ଗୌତମଙ୍କ ମନରେ ପ୍ରଚଣ୍ଡ ଆଲୋଡ଼ନ ସୃଷ୍ଟି କରିଥିଲା । ମାନବ ସମାଜ ଭୋଗ କରୁଥିବା କ୍ଳେଶର ସମାଧାନ ସୂତ୍ର ନିରୂପଣ ପାଇଁ ସେ ୨୯ ବର୍ଷ ବୟସରେ ଗୃହ ତ୍ୟାଗ କରିଥିଲେ।

ଜଣେ ପରିବ୍ରାଜକ ସନ୍ନ୍ୟାସୀ ରୂପେ ଗୌତମ ଛ' ବର୍ଷ ଅତିବାହିତ କଲେ । ଅଲର କଳମ ନାମକ ତପସ୍ୱୀଙ୍କଠାରୁ ସେ ଧ୍ୟାନ କୌଶଳ ଏବଂ ଉପନିଷଦର ଉପଦେଶ ଲାଭ କଲେ । ଏ ଉପଦେଶାବଳୀ ପରାମୁକ୍ତି ପ୍ରଦାୟିନୀ ନୁହେଁ ବୋଲି ଅନୁଭବ କରି ସେ ପାଞ୍ଚ ଜଣ ବ୍ରାହ୍ମଣ ସନ୍ନ୍ୟାସୀଙ୍କ ସହ ଗୁରୁଙ୍କୁ ପରିତ୍ୟାଗ କଲେ ।

ସତ୍ୟର ଅନ୍ୱେଷଣରେ ସେ କୃଚ୍ଛ୍ର ସାଧନା ଏବଂ ବିବିଧ ଆତ୍ମ ନିଗ୍ରହର ଆଶ୍ରୟ ନେଲେ । ପରିଶେଷରେ ଏଇ ମାର୍ଗ ପରିତ୍ୟାଗ କରି ସେ ଆଧୁନିକ ବୋଧଗୟା ନିକଟସ୍ଥ ନିରଞ୍ଜନା ନଦୀ ତଟବର୍ତ୍ତୀ ଉରୁବେଲାର ଏକ ଅଶ୍ୱତ୍ଥ ବୃକ୍ଷ ମୂଳରେ ଆସୀନ ହେଲେ । ନିରବଚ୍ଛିନ୍ନ ସମାଧିର ୪୯ତମ ଦିବସରେ ସେ ବୋଧି ବା ସର୍ବୋଚ୍ଚ ଜ୍ଞାନ ଲାଭ କଲେ । ଏହାପରେ ତାଙ୍କୁ ବୁଦ୍ଧ କୁହାଗଲା । ଏଠାରୁ ସେ ବାରାଣସୀ ନିକଟସ୍ଥ ସାରନାଥ ମୃଗବିହାରକୁ ଅଗ୍ରସର ହୋଇ ***'ଧର୍ମଚକ୍ର ପ୍ରବର୍ତ୍ତନ'*** ନାମରେ ଖ୍ୟାତ ପ୍ରଥମ ଉପଦେଶ ପ୍ରଦାନ କଲେ ।

ବୁଦ୍ଧଙ୍କ ପ୍ରଥମ ପାଞ୍ଚ ଜଣ ଶିଷ୍ୟ ଥିଲେ ଅଶ୍ୱଜିତ, ଉପାଳି, ମୋଗଲ୍ଲାନ, ସାରୀପୁତ୍ତ ଓ ଆନନ୍ଦ । ବୁଦ୍ଧ ମଧ୍ୟ ହେଉଛନ୍ତି ବୌଦ୍ଧ ସଂଘର ପ୍ରତିଷ୍ଠାତା । ତାଙ୍କର ସର୍ବାଧିକ ଉପଦେଶ ଶ୍ରାବସ୍ତିରେ ପ୍ରଦତ୍ତ । ଶ୍ରାବସ୍ତିର ଧନୀ ବଣିକ ଅନାଥପିଣ୍ଡକ ଥିଲେ ବୁଦ୍ଧଙ୍କ ଅନୁଗାମୀ ଏବଂ ସେ ଉଦାର ଭାବେ ସଂଘକୁ ଦାନ ଦେଉଥିଲେ ।



10. The Birth of Buddha

ବୁଦ୍ଧ ତାଙ୍କ ଉପଦେଶ ଦାନ ପାଇଁ ବିବିଧ ସ୍ଥାନ ପରିଦର୍ଶନ କରୁଥିଲେ । ସେ ସାରନାଥ, ମଥୁରା, ରାଜଗିର, ଗୟା, ପାଟଳିପୁତ୍ର ପରିଦର୍ଶନ କରିଥିଲେ । ବିମ୍ବିସାର, ଅଜାତଶତ୍ରୁ (ମଗଧ), ପ୍ରସେନଜିତ (କୋଶଳ) ଓ ଉଦୟନ (କୌଶାମ୍ବୀ)ଙ୍କ ଭଳି ରାଜାମାନେ ତାଙ୍କ ସିଦ୍ଧାନ୍ତ ସ୍ୱୀକାର କରି ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେ ମଧ୍ୟ କପିଳବାସ୍ତୁ ପରିଦର୍ଶନ କରି ତାଙ୍କ ପାଳିକା ମାତା ଓ ପୁତ୍ର ରାହୁଳଙ୍କୁ ସ୍ୱ ମତରେ ଦୀକ୍ଷିତ କରିଥିଲେ ।

୮୦ ବର୍ଷ ବୟସରେ ଖ୍ରୀ.ପୂ. ୪୮୬ରେ ମଲ୍ଲ ରାଜ୍ୟର ରାଜଧାନୀ କୁଶିନଗର (ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାସ୍ଥ କାସିଆ) ଠାରେ ସେ ଦେହ ତ୍ୟାଗ କଲେ । ଆସନ୍ତୁ ସେ ସମୟର ଧାର୍ମିକ ସିଦ୍ଧାନ୍ତକୁ ନୂତନ ଦିଗ ପ୍ରଦାନ କରି ଜନପ୍ରିୟ ହୋଇଥିବା ବୁଦ୍ଧଙ୍କ ଉପଦେଶର ବିଶ୍ଳେଷଣ କରିବା ।

## ୩.୪ ବୁଦ୍ଧଙ୍କ ଉପଦେଶ

ବୁଦ୍ଧଙ୍କ ମୌଳିକ ଉପଦେଶ ଦୁଇଟି:

କ) ଚତୁଃ ଆର୍ଯ୍ୟ ସତ୍ୟ;

ଖ) ଆର୍ଯ୍ୟ ଅଷ୍ଟାଙ୍ଗିକା ମାର୍ଗ ।

ଚତୁଃ ଆର୍ଯ୍ୟ ସତ୍ୟ ହେଉଛି:

୧. ସଂସାର ଦୁଃଖ ପୂର୍ଣ୍ଣ ।

୨. ପ୍ରତ୍ୟେକ ଦୁଃଖର ଏକ କାରଣ ବିଦ୍ୟମାନ: କାମନା, ଅଜ୍ଞତା ଓ ଆସକ୍ତି ଦୁଃଖର କାରଣ ।

୩. କାରଣର ବିନାଶରେ ଦୁଃଖର ବିନାଶ ।

୪. ଦୁଃଖର ବିନାଶ ପାଇଁ ସମ୍ୟକ୍ ମାର୍ଗର ଜ୍ଞାନ ଅନିବାର୍ଯ୍ୟ । ଏଇ ମାର୍ଗ ହେଉଛି *ଆର୍ଯ୍ୟଅଷ୍ଟାଙ୍ଗିକା ମାର୍ଗ* ।

ଆର୍ଯ୍ୟ ଅଷ୍ଟାଙ୍ଗିକା ମାର୍ଗର ମୂଳତତ୍ତ୍ୱ:

୧. ସମ୍ୟକ୍ ଦୃଷ୍ଟି । ବୁଝିବାକୁ ହେବ ଯେ କାମନା ସଂଜାତ ଦୁଃଖରେ ସଂସାର ପରିପୂର୍ଣ୍ଣ । ଦୁଃଖର ବିନାଶରେ ଆତ୍ମାର ନିର୍ବାଣ ପ୍ରାପ୍ତି ।

୨. ସମ୍ୟକ୍ ସଂକଳ୍ପ । ଇନ୍ଦ୍ରିୟ ଲାଳସା ଓ ବିଳାସରୁ ଦୂରେଇ ରହିବା । ଏହାର ଲକ୍ଷ୍ୟ ମନୁଷ୍ୟ ପ୍ରତି ପ୍ରେମ ଓ ଅନ୍ୟର ସୁଖ ବୃଦ୍ଧି ।

୩. ସମ୍ୟକ୍ ବାକ୍ । ସର୍ବଦା ସତ କହିବା ।

୪. ସମ୍ୟକ୍ କର୍ମ । ନିଃସ୍ୱାର୍ଥ କର୍ମ ।

୫. ସମ୍ୟକ୍ ଜୀବିକା । ସଚ୍ଚୋଟ ମାର୍ଗରେ ବଞ୍ଚିବା ।

୬. ସମ୍ୟକ୍ ପ୍ରୟାସ । ଇନ୍ଦ୍ରିୟ ନିୟନ୍ତ୍ରଣର ଯଥାର୍ଥ ମାର୍ଗ ଯେପରିକି ମନ୍ଦ ଚିନ୍ତାକୁ ପ୍ରତିରୋଧ କରିବା । ଉପଯୁକ୍ତ ମାନସିକ ଅଭ୍ୟାସ ଦ୍ୱାରା କାମନା ଓ ଆସକ୍ତିର ବିନାଶ ସମ୍ଭବପର ।

୭. ସମ୍ୟକ୍ ସ୍ମୃତି । ଶରୀର ଅନିତ୍ୟ ଏବଂ ସମାଧିକୁ ସାଂସାରିକ ଅନିଷ୍ଟ ଦୂରୀକରଣର ମାଧ୍ୟମ ବୋଲି ବୁଝିବା ।

୮. ସମ୍ୟକ୍ ସମାଧି । ଏହା ଦ୍ୱାରା ବୋଧିଲାଭ ବା ନିର୍ବାଣ ପ୍ରାପ୍ତି ।

ବୌଦ୍ଧଧର୍ମ 'କର୍ମ' ନିୟମକୁ ପ୍ରମୁଖତା ପ୍ରଦାନ କରେ । ଏଇ ନିୟମ ଅନୁସାରେ ଅତୀତର କର୍ମ ଦ୍ୱାରା ବର୍ତ୍ତମାନ ନିରୂପିତ ହୁଏ । ଇହକାଳ ଓ ପରକାଳରେ ମନୁଷ୍ୟର ସ୍ଥିତି ତା'ର କର୍ମ ଉପରେ ନିର୍ଭରଶୀଳ ।

ପ୍ରତ୍ୟେକ ବ୍ୟକ୍ତି ନିଜ ଭାଗ୍ୟର ନିର୍ମାତା । କୃତ କର୍ମର ଫଳ ଭୋଗ କରିବାକୁ ଆମେ ପୁନଃପୁନଃ ଜନ୍ମ ଗ୍ରହଣ କରୁ । ପାପଶୂନ୍ୟ ହୋଇଗଲେ ଜଣକୁ ପୁନର୍ଜନ୍ମରୁ ମୁକ୍ତି ମିଳେ । ଏହିପରି କର୍ମ ସିଦ୍ଧାନ୍ତ ବୁଦ୍ଧଙ୍କ ଉପଦେଶର ଅପରିହାର୍ଯ୍ୟ ଅଂଗ ।

ବୁଦ୍ଧ କହୁଥିଲେ- ମନୁଷ୍ୟ ଜୀବନର ଚରମ ଲକ୍ଷ୍ୟ ନିର୍ବାଣ । ଏହାର ଅର୍ଥ ସକଳ କାମନାର ପରିତ୍ୟାଗ, କ୍ଳେଶର ବିନାଶ ଏବଂ ପରିଶେଷରେ ପୁନର୍ଜନ୍ମରୁ ପରିତ୍ରାଣ । କାମନା ପରିତ୍ୟାଗ ପ୍ରକ୍ରିୟାରେ ଜଣେ 'ନିର୍ବାଣ' ଲାଭ କରି ପାରିବ । ତେଣୁ ବୁଦ୍ଧ କହୁଥିଲେ- ବାସ୍ତବ ସମସ୍ୟା ହେଉଛି କାମନାର ବିନାଶ । ପ୍ରାର୍ଥନା ଓ ଯଜ୍ଞ ଦ୍ୱାରା କାମନାର ବିନାଶ ଘଟେ ନାହିଁ । ଅତଏବ ବୈଦିକ ଧର୍ମ

ଭଳି ଆଚାର ଓ ଅନୁଷ୍ଠାନ ନୁହେଁ ବରଂ ବ୍ୟକ୍ତିର ନୈତିକ ଜୀବନଯାପନ ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ ।

ବୁଦ୍ଧ ଈଶ୍ୱରଙ୍କ ଅସ୍ତିତ୍ୱକୁ ଗ୍ରହଣ କରି ନାହାନ୍ତି କି ପ୍ରତ୍ୟାଖ୍ୟାନ ମଧ୍ୟ କରି ନାହାନ୍ତି । ସେ ବ୍ୟକ୍ତି ଓ ତା'ର କର୍ମକୁ ନେଇ ଅଧିକ ଚିନ୍ତାନ୍ୱିତ । ବୌଦ୍ଧ ଧର୍ମ ଆତ୍ମାର ଅସ୍ତିତ୍ୱରେ ମଧ୍ୟ ବିଶ୍ୱାସ କରେ ନାହିଁ ।

ଏସବୁ ସମେତ ବୁଦ୍ଧ ଅନ୍ୟ କେତେକ ଅନିବାର୍ଯ୍ୟ ଆଭିମୁଖ୍ୟ ଉପରେ ଜୋର୍ ଦେଉଥିଲେ:

❒ ସେ ପ୍ରେମ ଭାବନା ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ତାଙ୍କ ମତରେ 'ଅହିଂସା'ର ଅନୁସରଣରେ ସକଳ ଜୀବଙ୍କ ପ୍ରତି ପ୍ରେମ ଭାବ ପ୍ରକାଶିତ ହୋଇପାରିବ । ତତ୍ତ୍ୱଟିର ଉତ୍ତମ ଅବବୋଧ ସତ୍ତ୍ୱେ ଜୈନ ଧର୍ମ ଭଳି ବୌଦ୍ଧ ଧର୍ମରେ ଏହା ଉପରେ ଏତେ ଗୁରୁତ୍ୱ କିନ୍ତୁ ଦିଆଯାଉ ନ ଥିଲା ।

❒ ବ୍ୟକ୍ତି ବିଶେଷ ଉଭୟ କଠୋର ସନ୍ନ୍ୟାସ ଏବଂ ପ୍ରମତ୍ତ ବିଳାସ ଠାରୁ ଦୂରେଇ ରହି ମଧ୍ୟମ ମାର୍ଗ ଅନୁସରଣ କରିବା ଉଚିତ ।

ବୁଦ୍ଧଙ୍କ ଉପଦେଶ ପ୍ରଚଳିତ ବ୍ରାହ୍ମଣ୍ୟ ସିଦ୍ଧାନ୍ତ ପ୍ରତି ଏକ ଗମ୍ଭୀର ଆହ୍ୱାନ ଥିଲା:

୧. ବୁଦ୍ଧଙ୍କ ଉଦାର ଓ ଗାଣତନ୍ତ୍ରିକ ଦୃଷ୍ଟିକୋଣ ସକଳ ବର୍ଗର ଜନତାଙ୍କୁ ତୁରନ୍ତ ଆକୃଷ୍ଟ କଲା । ଜାତି ପ୍ରଥା ଓ ବ୍ରାହ୍ମଣ୍ୟ ଆଧିପତ୍ୟ ଉପରେ ତାଙ୍କର ଆକ୍ରମଣ ନିମ୍ନ ବର୍ଗର ଜନତାଙ୍କ ଦ୍ୱାରା ଆଦୃତ ହେଲା । ଜାତି ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ବୌଦ୍ଧ ବ୍ୟବସ୍ଥାରେ ଗ୍ରହଣ କରାଗଲା । ବୌଦ୍ଧ ଧର୍ମରେ ମୋକ୍ଷ ଥିଲା ବ୍ୟକ୍ତିର ଉତ୍ତମ କର୍ମ ଉପରେ ନିର୍ଭରଶୀଳ । ଅତଏବ ଜୀବନର ଚରମ ଲକ୍ଷ୍ୟ 'ନିର୍ବାଣ' ଲାଭ ପାଇଁ ଜଣେ ପୁରୋହିତ ବା ମଧ୍ୟସ୍ଥର ଆବଶ୍ୟକତା ହିଁ ନ ଥିଲା ।

୨. ବୁଦ୍ଧ ବେଦର କର୍ତ୍ତୃତ୍ୱ ଏବଂ ପଶୁ ବଳିକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେ ଜଟିଳ ଓ ଅର୍ଥଶୂନ୍ୟ ଆଚାରର ପ୍ରତିବାଦ କରୁଥିଲେ । ସେ କହୁଥିଲେ- ଦେବତାଙ୍କୁ ନିବେଦିତ ବଳି ପାପ ପ୍ରକ୍ଷାଳନ କରିପାରେ ନାହିଁ କି ପୁରୋହିତର ପ୍ରାର୍ଥନା ପାପୀର ମଙ୍ଗଳ କରେ ନାହିଁ ।

ଖୁବ୍ କମ୍ ସମୟରେ ଏକ ସଂଗଠିତ ଧର୍ମ ଭାବେ ବୌଦ୍ଧ ଧର୍ମର ଅଭ୍ୟୁଦୟ ଘଟିଲା ଏବଂ ବୁଦ୍ଧ ବାଣୀ ସଂକଳିତ ହେଲା ।

ବୌଦ୍ଧ ସିଦ୍ଧାନ୍ତ ତିନୋଟି ଅନୁଭାଗରେ ସଂକଳିତ; ଯଥା-

୧. ***ସୁତ୍ତ ପିଟକ***ରେ ପାଞ୍ଚଟି ନିକାୟ(ପରିଚ୍ଛେଦ) ଅଛି । ଏହା ମୁଖ୍ୟତଃ ବୁଦ୍ଧ ବାଣୀ ଓ ତାଙ୍କ ଧାର୍ମିକ ପ୍ରବଚନର ସଂକଳନ । ପଞ୍ଚମ ନିକାୟରେ ବୁଦ୍ଧଙ୍କ ବିଭିନ୍ନ ଜନ୍ମର କାହାଣୀ ଜାତକ କଥାଗୁଡ଼ିକ ଅଛି ।

୨. ***ବିନୟ ପିଟକ***ରେ ବୌଦ୍ଧ ମଠର ନିୟମାବଳୀ ସଂକଳିତ ହୋଇଛି ।

୩. ***ଅଭିଧମ୍ମ ପିଟକ*** ପ୍ରଶ୍ନୋତ୍ତର ଶୈଳୀରେ ଲିଖିତ ବୁଦ୍ଧ ବାଣୀର ଦାର୍ଶନିକ ଭାବଧାରାର ଏକ ସଂକଳନ ।



11. Preaching Buddha (Gupta Period)

## ୩.୫ ବୌଦ୍ଧ ଧର୍ମର ବିକାଶ

ଆସନ୍ତୁ ବୌଦ୍ଧ ଧର୍ମର ଜନପ୍ରିୟତା ପାଇଁ ଦାୟୀ କାରକଗୁଡ଼ିକର ବିଶ୍ଳେଷଣ କରିବା ।

### ୩.୫.୧ ବୌଦ୍ଧ ଧର୍ମର ପ୍ରସାର

ପ୍ରତିଷ୍ଠାତା ବୁଦ୍ଧଙ୍କ ଜୀବନ କାଳରେ ହିଁ ଜନତାଙ୍କ ଏକ ବିରାଟ ବର୍ଗ ବୌଦ୍ଧ ଧର୍ମ ସ୍ୱୀକାର କରିଥିଲେ । ଉଦାହରଣ ସ୍ୱରୂପ ମଗଧ, କୋଶଳ, କୌଶାମ୍ବୀ ଆଦିର ଜନତାଙ୍କ ସମେତ ଶାକ୍ୟ, ବଜ୍ଜି ଓ ମଲ୍ଲ ଗଣରାଜ୍ୟ ମଧ୍ୟ ବୌଦ୍ଧ ଧର୍ମ ଆପଣେଇ ଥିଲେ । ପରବର୍ତ୍ତୀ କାଳରେ ଅଶୋକ ଓ କନିଷ୍କ ଏହାକୁ ରାଷ୍ଟ୍ରଧର୍ମରେ ପରିଣତ କରିଥିଲେ ଏବଂ ବୌଦ୍ଧ ଧର୍ମ କେନ୍ଦ୍ର ଏସିଆ, ପଶ୍ଚିମ ଏସିଆ ଓ ଶ୍ରୀଲଙ୍କାକୁ ପରିବ୍ୟାପ୍ତ ହୋଇଥିଲା । ସମାଜର ଏକ ବିରାଟ ବର୍ଗର ବୌଦ୍ଧ ଧର୍ମ ପ୍ରତି ଏପରି ଆକର୍ଷଣ ପଶ୍ଚାତରେ ନିମ୍ନ ପ୍ରଦତ୍ତ କାରଣଗୁଡ଼ିକ ନିହିତ:

❒ ବ୍ୟାବହାରିକ ନୈତିକତା ଉପରେ ଗୁରୁତ୍ୱାରୋପ, ମାନବ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟାବଳୀର ସହଜ ଗ୍ରହଣଯୋଗ୍ୟ ସମାଧାନ ଏବଂ ଏକ ସରଳ ଦର୍ଶନ ଜନତାଙ୍କୁ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ କରିଥିଲା ।

❒ ବୌଦ୍ଧ ଧର୍ମ ସଂହିତାର ସାମାଜିକ ସମତା ଭାବଧାରା ବହୁ ସାଧାରଣ ଅନୁଗାମୀଙ୍କ ପାଇଁ ବୌଦ୍ଧ ଧର୍ମକୁ ଗ୍ରହଣଯୋଗ୍ୟ କରାଇଥିଲା ।

❒ ଅନାଥପିଣ୍ଡକ ଭଳି ବଣିକ ଓ ଆମ୍ରପାଲି ଭଳି ବେଶ୍ୟା ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ; କାରଣ ଏଇ ଧର୍ମରେ ସେମାନଙ୍କୁ ଯଥାଯୋଗ୍ୟ ମର୍ଯ୍ୟାଦା ମିଳିଥିଲା ।

❒ ଜନତାଙ୍କ ଭାଷା ପାଲୀର ବ୍ୟବହାର ମଧ୍ୟ ଧର୍ମ ବିସ୍ତାରରେ ସହାୟକ ହୋଇଥିଲା । ଏଭଳି ଘଟିଲା କାରଣ ବ୍ରାହ୍ମଣ୍ୟ ଧର୍ମ ଗଣଭାଷା ନ ଥିବା ସଂସ୍କୃତରେ ନିଜକୁ ଆବଦ୍ଧ କରିସାରିଥିଲା ।

❒ ବୌଦ୍ଧ ଧର୍ମର ଦ୍ରୁତ ଅଭିବୃଦ୍ଧିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ରାଜାମାନଙ୍କ ପୃଷ୍ଠପୋଷକତା । ଉଦାହରଣ ସ୍ୱରୂପ ପରମ୍ପରା ଅନୁଯାୟୀ ଅଶୋକ ତାଙ୍କ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାଙ୍କୁ ବୌଦ୍ଧ ଧର୍ମର ପ୍ରଚାର ପାଇଁ ଶ୍ରୀଲଙ୍କା ପ୍ରେରଣ କରିଥିଲେ । ସେ ମଧ୍ୟ ଅନେକ ବୌଦ୍ଧ ବିହାର ପ୍ରତିଷ୍ଠା କରିବା ସଂଗେସଂଗେ ସଂଘକୁ ଉଦାର ଭାବେ ଦାନ କରୁଥିଲେ ।

❒ ବୌଦ୍ଧ ଧର୍ମର ପ୍ରସାରକୁ ପ୍ରଭାବଶାଳୀ ଓ ସୁସଂଗଠିତ କରିବାରେ ସଂଘ ସହାୟକ ହୋଇଥିଲା ।

### ୩.୫.୨ ସଂଘ

***ସଂଘ*** ଥିଲା ବୌଦ୍ଧମାନଙ୍କ ଧାର୍ମିକ ବ୍ୟବସ୍ଥା । ଏହା ଥିଲା ସେଇ ସୁସଂଗଠିତ ଏବଂ ପ୍ରଭାବଶାଳୀ ଅନୁଷ୍ଠାନ ଯାହା ବୌଦ୍ଧ ଧର୍ମକୁ ଜନପ୍ରିୟ କରିଥିଲା । ଜାତି ନିର୍ବିଶେଷରେ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କ ପାଇଁ ଏହାର ଦ୍ୱାର ଥିଲା ଉନ୍ମୁକ୍ତ । ଅପରାଧୀ, କୋଢ଼ି ଏବଂ ସଂକ୍ରାମକ ବ୍ୟାଧିଗ୍ରସ୍ତଙ୍କୁ ***ସଂଘ***ରେ ପ୍ରବେଶ ନିଷିଦ୍ଧ ଥିଲା । ପ୍ରାରମ୍ଭରେ ମହିଳାମାନଙ୍କୁ ***ସଂଘ***ରେ ଗ୍ରହଣ କରିବା ସପକ୍ଷରେ ବୁଦ୍ଧ ନ ଥିଲେ । ତେବେ ତାଙ୍କର ପ୍ରଧାନ ଶିଷ୍ୟ ଆନନ୍ଦ ଏବଂ ପାଳିକା ମାତା ମହାପ୍ରଜାପତି ଗୌତମୀଙ୍କ ବାରମ୍ବାର ଅନୁରୋଧ କାରଣରୁ ସେ ଏଥି ପ୍ରତି ସମ୍ମତି ପ୍ରକାଶ କରିଥିଲେ ।

ପ୍ରବେଶ ମାତ୍ରେ ବୌଦ୍ଧ ସନ୍ନ୍ୟାସୀ ବା ଭିକ୍ଷୁଙ୍କୁ ମୁଣ୍ଡନ ସହ ପୀତ ଅଥବା ଗୈରିକ ବସ୍ତ୍ର ଧାରଣ କରିବାକୁ ପଡୁଥିଲା । ଧର୍ମ ପ୍ରଚାର ଓ ଭିକ୍ଷାଗ୍ରହଣ ଥିଲା ତାଙ୍କ ପାଇଁ ଦୈନନ୍ଦିନ ପ୍ରତ୍ୟାଶିତ କର୍ମ । ବର୍ଷା ଚତୁର୍ମାସରେ ସେମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ସାଧନା କରୁଥିଲେ । ଏହାକୁ ଶରଣ ବା ପ୍ରତ୍ୟାବର୍ତ୍ତନ ବା ***'ବାସ'*** କୁହାଯାଉଥିଲା । ***ସଂଘ*** ମଧ୍ୟ ଲୋକଙ୍କ ଭିତରେ ଶିକ୍ଷା ବିସ୍ତାରରେ ନିୟୋଜିତ ଥିଲା । ବ୍ରାହ୍ମଣ୍ୟ ଧର୍ମର ବିପରୀତରେ ସଂଘର ଶିକ୍ଷା ବ୍ୟବସ୍ଥାରେ ସମାଜର ବିବିଧ ବର୍ଗ ପ୍ରବେଶ କରିପାରୁଥିଲେ । ସ୍ୱଭାବତଃ ଶିକ୍ଷାରୁ ବଞ୍ଚିତ ଅବ୍ରାହ୍ମଣମାନେ ବୌଦ୍ଧ ଧର୍ମରେ ଶିକ୍ଷାନୁମତି ପ୍ରାପ୍ତ ହେଲେ ଏବଂ ସମାଜର ବିସ୍ତର ବର୍ଗରେ ଶିକ୍ଷାର ପ୍ରସାର ଘଟିଲା ।

ସଂଘ ପରିଚାଳନାର ସୂତ୍ର ଥିଲା ଗାଣତନ୍ତ୍ରିକ ଏବଂ ସଦସ୍ୟମାନଙ୍କ ମଧ୍ୟରେ ଶୃଙ୍ଖଳା ପ୍ରବର୍ତ୍ତନ ପାଇଁ ସଂଘ ଥିଲା କ୍ଷମତାପନ୍ନ । ଭିକ୍ଷୁ ଭିକ୍ଷୁଣୀମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଚାର ସଂହିତା ପାଳନ ପାଇଁ ବାଧ୍ୟ ଥିଲେ । ସ୍ଖଳିତ ସଦସ୍ୟମାନଙ୍କୁ ଦଣ୍ଡ ଦେବାର ଅଧିକାର ସଂଘର ରହିଥିଲା ।

### ୩.୫.୩ ବୌଦ୍ଧ ପରିଷଦ

ପରମ୍ପରା ଅନୁସାରେ ବୁଦ୍ଧଙ୍କ ଶରୀର ତ୍ୟାଗର ସ୍ୱଳ୍ପ କାଳ ମଧ୍ୟରେ ରାଜଗୃହ ନିକଟସ୍ଥ ସପ୍ତପର୍ଣ୍ଣୀ ଗୁମ୍ଫାରେ ଖ୍ରୀ.ପୂ. ୪୮୩ରେ ପ୍ରଥମ ବୌଦ୍ଧ ପରିଷଦ ମହାକସ୍ସପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୁଦ୍ଧଙ୍କ ସମଗ୍ର ଉପଦେଶ ଦୁଇଟି ପିଟକରେ ବିଭକ୍ତ ହେଲା-

କ. ***ବିନୟ ପିଟକ*** ଏବଂ

ଖ. ***ସୁତ୍ତ ପିଟକ*** ।

***ବିନୟ ପିଟକ*** ସଂକଳନର ମୁଖ୍ୟ ଥିଲେ ଉପାଳି ଏବଂ ***ସୁତ୍ତ ପିଟକ***ର ଆନନ୍ଦ ।

ଖ୍ରୀ.ପୂ. ୩୮୩ରେ ବୈଶାଳୀରେ ଦ୍ୱିତୀୟ ପରିଷଦ ଅନୁଷ୍ଠିତ ହୋଇଥିଲା । ବୈଶାଳୀ ଓ ପାଟଳିପୁତ୍ରର ଭିକ୍ଷୁମାନେ ସ୍ୱୀକାର କରିଥିବା କେତେକ ବିଧି କୌଶାମ୍ବୀ ଓ ଅବନ୍ତୀର ଭିକ୍ଷୁମଣ୍ଡଳୀଦ୍ୱାରା ବୁଦ୍ଧବାଣୀର ବିପରୀତ ବୋଲି ଘୋଷିତ ହେଲା । ଦୁଇ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ କୌଣସି ବୁଝାମଣାରେ ଉପନୀତ ହେବାରେ ପରିଷଦ ବିଫଳ ହେଲା । ପରିଣାମ ସ୍ୱରୂପ ବୌଦ୍ଧ ସମାଜ ଚିରକାଳ ପାଇଁ ***ସ୍ଥବିରବାଦୀ*** ଓ ***ମହାସାଂଘିକ*** ଭେଦରେ ଦୁଇ ଭାଗରେ ବିଭକ୍ତ ହୋଇଗଲା । ପ୍ରଥମ ଗୋଷ୍ଠୀଟି ରକ୍ଷଣଶୀଳ ***ବିନୟ ପିଟକ***ର ଅନୁମୋଦନ କଲା ବେଳେ ଅପର ଗୋଷ୍ଠୀଟି ନୂତନ ବିଧି ଏବଂ ତା'ର ଅଧିକ ଶିଥିଳୀକରଣ ସପକ୍ଷରେ ଥିଲେ ।

ତୃତୀୟ ପରିଷଦ ଅଶୋକଙ୍କ ଶାସନ କାଳରେ ମୋଗଲିପୁତ୍ତ ତିସ୍‌ସଙ୍କ ଅଧ୍ୟକ୍ଷତାରେ ପାଟଳିପୁତ୍ରରେ ଅନୁଷ୍ଠିତ ହୋଇଥିଲା । ଏଇ ପରିଷଦରେ ବୁଦ୍ଧଙ୍କ ସିଦ୍ଧାନ୍ତର ଦାର୍ଶନିକ ବ୍ୟାଖ୍ୟା ସମୂହ ତୃତୀୟ ପିଟକ ***ଅଭିଧମ୍ମ ପିଟକ*** ରୂପେ ସଂଗୃହୀତ ହୋଇଥିଲା । ଏଥିରେ ବୌଦ୍ଧ ବ୍ୟବସ୍ଥାକୁ ଅସନ୍ତୋଷ ଓ ନବ ପ୍ରବର୍ତ୍ତନରୁ ମୁକ୍ତ ରଖିବାକୁ ଉଦ୍ୟମ କରାଯାଇଥିଲା । ଷାଠିଏ ହଜାର ଧର୍ମଭ୍ରଷ୍ଟ ଭିକ୍ଷୁଙ୍କୁ ସଂଘରୁ ବହିଷ୍କାର କରାଯାଇଥିଲା । ସମସ୍ତ ବିଧ୍ୱଂସକ ପ୍ରବୃତ୍ତିର ନିର୍ମୂଳନ ପାଇଁ ଶୁଦ୍ଧ ସିଦ୍ଧାନ୍ତ ଶାସ୍ତ୍ରକୁ ସଂଜ୍ଞାୟିତ ଏବଂ ପ୍ରାମାଣିକ ଭାବେ ବ୍ୟବସ୍ଥିତ କରାଗଲା ।

କନିଷ୍କଙ୍କ ଶାସନ କାଳରେ ଚତୁର୍ଥ ପରିଷଦ କାଶ୍ମୀରରେ ଅନୁଷ୍ଠିତ ହୋଇଥିଲା । ଏହା ଥିଲା ଉତ୍ତର ଭାରତର ***ହୀନଯାନ***ମାନଙ୍କ ଏକ ସମାବେଶ । ଏଥିରେ ତିନି ***ପିଟକ***ର ତିନୋଟି ବ୍ୟାଖ୍ୟା ବା ***ବିଭାଷା*** ସଂକଳିତ ହୋଇଥିଲା ଏବଂ କାଶ୍ମୀର ଓ ଗାନ୍ଧାରର ***ସର୍ବାସ୍ତିବାଦୀ*** ଗୁରୁମାନଙ୍କ ମଧ୍ୟରେ ଉଠିଥିବା କେତେକ ବିବାଦାସ୍ପଦ ପ୍ରଶ୍ନ ଉପରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

### ୩.୫.୪ ବୌଦ୍ଧ ସମ୍ପ୍ରଦାୟ ସମୂହ

ବୈଶାଳୀରେ ଅନୁଷ୍ଠିତ ଦ୍ୱିତୀୟ ପରିଷଦରେ ବୌଦ୍ଧ ବ୍ୟବସ୍ଥା ଦୁଇଟି ସମ୍ପ୍ରଦାୟରେ ବିଭକ୍ତ ହୋଇଗଲା:

କ. ସ୍ଥବିରବାଦୀ ଏବଂ

ଖ. ମହାସାଂଘିକ ।

- ସ୍ଥବିରବାଦୀମାନେ ମୂଳ ନିର୍ଦ୍ଧାରିତ କଠୋର ଶୃଙ୍ଖଳା ବିଧି ଏବଂ କଠିନ ବିହାର ଜୀବନ ଅନୁସରଣ କରୁଥିଲେ ।
- ସଂଶୋଧିତ ଶୃଙ୍ଖଳା ବିଧି ଅନୁସରଣ କରୁଥିବା ଗୋଷ୍ଠୀକୁ ମହାସାଂଘିକ କୁହାଯାଉଥିଲା ।

ଚତୁର୍ଥ ବୌଦ୍ଧ ପରିଷଦ ପରେ ମହାଯାନବାଦର ବିକାଶ ହେଲା । ବୁଦ୍ଧଙ୍କ ରକ୍ଷଣଶୀଳ ଉପଦେଶରେ ବିଶ୍ୱାସୀ ହୀନଯାନ ସମ୍ପ୍ରଦାୟର ବିପରୀତରେ ନୂତନ ଭାବଧାରା ଗ୍ରହଣ କରୁଥିବା ଗୋଷ୍ଠୀଙ୍କୁ ମହାଯାନ ସମପ୍ରଦାୟ କୁହାଗଲା । ସେମାନେ ବୁଦ୍ଧଙ୍କ ମୂର୍ତ୍ତି ଗଠନ କରି ଏହାକୁ ଈଶ୍ୱର ଭାବେ ପୂଜା କରୁଥିଲେ । ଖ୍ରୀ. ପ୍ରଥମ ଶତାବ୍ଦୀରେ କନିଷ୍କଙ୍କ ସମୟରେ କେତେକ ସୈଦ୍ଧାନ୍ତିକ ପରିବର୍ତ୍ତନ ଅଣାଗଲା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ବୌଦ୍ଧ ଦର୍ଶନ ‘ନିର୍ବାଣ’ ଓ ‘କର୍ମ’ ବୁଝାଇ ଦିଅନ୍ତୁ । ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

**ପ୍ରଶ୍ନ ୨.** ବୌଦ୍ଧ ଧର୍ମର ବିକାଶ ପାଇଁ ଦାୟୀ କାରକ ସମୂହର ତାଲିକା କରନ୍ତୁ । ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

.............................................................................................

.............................................................................................

.............................................................................................

.............................................................................................

.............................................................................................

**ପ୍ରଶ୍ନ ୩.** ବକ୍ତବ୍ୟଗୁଡ଼ିକ ଠିକ(✓) କି ଭୁଲ(✕) ଚିହ୍ନିତ କରନ୍ତୁ ।

କ) ବ୍ୟବସାୟ ବାଣିଜ୍ୟର ଅଭିବୃଦ୍ଧି ନାସ୍ତିକ ସିଦ୍ଧାନ୍ତ ସମୂହର ଅଭ୍ୟୁଦୟରେ ସହାୟକ ହେଲା ।

ଖ) ବୁଦ୍ଧ ତାଙ୍କର ପ୍ରଥମ ଉପଦେଶ ବୋଧ ଗୟାରେ ପ୍ରଦାନ କରିଥିଲେ ।

ଗ) ବୁଦ୍ଧ କଠୋର ସନ୍ନ୍ୟାସ ପ୍ରଚାର କରୁଥିଲେ ।

ଘ) ବୁଦ୍ଧ ପୁନର୍ଜନ୍ମରେ ବିଶ୍ୱାସ କରୁ ନ ଥିଲେ ।

ଙ) ବୁଦ୍ଧ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରୁଥିଲେ ।

## ୩.୬ ଜୈନ ଧର୍ମର ଉଦ୍ଭବ

ଜୈନ ପରମ୍ପରା ଅନୁସାରେ ଜୈନ ଧର୍ମ ଓ ଦର୍ଶନର ଉଦ୍ଭବ ଓ ବିକାଶ ଚବିଶି ଜଣ ***ତୀର୍ଥଙ୍କରଙ୍କ*** ଦ୍ୱାରା ଘଟିଥିଲା । ଏ ମଧ୍ୟରୁ ପ୍ରଥମ ବାଇଶି ଜଣଙ୍କ ଐତିହାସିକତା ସନ୍ଦେହାସ୍ପଦ । ଶେଷ ଦୁଇ ଜଣ ପାର୍ଶ୍ୱନାଥ ଓ ମହାବୀରଙ୍କ ଐତିହାସିକତାର ପୁଷ୍ଟି ବୌଦ୍ଧ କୃତିଗୁଡ଼ିକରୁ ମଧ୍ୟ ହୁଏ ।

### ୩.୬.୧ ପାର୍ଶ୍ୱନାଥ

ଜୈନ ପରମ୍ପରା ଅନୁସାରେ ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥ ଥିଲେ ବାରାଣସୀର ରାଜା ଅଶ୍ୱସେନ ଓ ରାଣୀ ବାମାଙ୍କ ସନ୍ତାନ । ତିରିଶି ବର୍ଷ ବୟସରେ ସିଂହାସନ ପରିତ୍ୟାଗ କରି ସେ ସନ୍ନ୍ୟାସୀ

ହୋଇଗଲେ । ୮୪ ଦିନର ତପଶ୍ଚର୍ଯ୍ୟା ପରେ ତାଙ୍କୁ ଜ୍ଞାନ ପ୍ରାପ୍ତ ହେଲା । ମହାବୀରଙ୍କ ଆବିର୍ଭାବର ୨୫୦ ବର୍ଷ ପୂର୍ବରୁ ପାର୍ଶ୍ୱନାଥ ୧୦୦ ବର୍ଷ ବୟସରେ ପ୍ରାଣ ତ୍ୟାଗ କଲେ । ସେ 'ବସ୍ତୁ'ର ନିତ୍ୟତାରେ ବିଶ୍ୱାସ କରୁଥିଲେ । ତାଙ୍କ ଅନୁଗାମୀଙ୍କ ସଂଖ୍ୟା ଥିଲା ଯଥେଷ୍ଟ ଅଧିକ । ସେମାନେ ଶ୍ୱେତ ବସ୍ତ୍ର ପରିଧାନ କରୁଥିଲେ । ଏଥିରୁ ସ୍ପଷ୍ଟ ହୁଏ ଯେ ମହାବୀରଙ୍କ ପୂର୍ବରୁ ଜୈନ ଧର୍ମର ଅସ୍ତିତ୍ୱ ରହିଥିଲା ।

### ୩.୬.୨ ମହାବୀର

ବର୍ଦ୍ଧମାନ ମହାବୀର ହେଉଛନ୍ତି ଚତୁର୍ବିଂଶତମ ତୀର୍ଥଙ୍କର । ସେ ଖ୍ରୀ.ପୂ. ୫୪୦ରେ ବିହାରର ମୁଜାଫରପୁର ଜିଲ୍ଲା ଅନ୍ତର୍ଗତ ବୈଶାଳୀ ନିକଟସ୍ଥ କୁଣ୍ଡଗ୍ରାମ ବା ବସୁକୁଣ୍ଡରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ସିଦ୍ଧାର୍ଥ ଥିଲେ ଜ୍ଞାତ୍ରିକ କ୍ଷତ୍ରିୟ ବଂଶର ମୁଖ୍ୟ ଏବଂ ମାତା ତ୍ରିଶଳା ଲିଚ୍ଛବୀର ରାଜକନ୍ୟା । ବର୍ଦ୍ଧମାନ ଥିଲେ ସୁଶିକ୍ଷିତ । ଯଶୋଦାଙ୍କ ସହ ବିବାହ ପରେ ତାଙ୍କର ଏକ କନ୍ୟା ଜନ୍ମ ହୋଇଥିଲା ।

ତିରିଶି ବର୍ଷ ବୟସରେ ବର୍ଦ୍ଧମାନ ଗୃହ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ । ପ୍ରଥମେ ସେ ଥିଲେ ଏକବସ୍ତ୍ରଧାରୀ ସନ୍ନ୍ୟାସୀ । ତେର ମାସ ପରେ ସେଇ ବସ୍ତ୍ର ଖଣ୍ଡିକ ମଧ୍ୟ ପରିତ୍ୟାଗ କରି ଜଣେ '*ଦିଗମ୍ବର ସନ୍ନ୍ୟାସୀ*' ଭାବେ ସେ ଇତସ୍ତତଃ ଘୂରି ବୁଲିଲେ । ଜଣେ କୃଚ୍ଛସାଧକ ସନ୍ନ୍ୟାସୀ ଭାବେ ତାଙ୍କ ଜୀବନର ବାର ବର୍ଷ ଅତିବାହିତ ହେଲା । ସନ୍ନ୍ୟାସର ତ୍ରୟୋଦଶ ବର୍ଷରେ ୪୨ ବର୍ଷ ବୟସରେ ସେ '*କେବଳଜ୍ଞାନ*' ବା ପରମ ଜ୍ଞାନ ପ୍ରାପ୍ତ ହେଲେ । ପରବର୍ତ୍ତୀ ସମୟରେ ସେ '*ମହାବୀର*' (ଶ୍ରେଷ୍ଠ ନାୟକ), '*ଜୀନ*' (ବିଜେତା) ଓ '*ନିର୍ଗ୍ରନ୍ଥ*' (ବନ୍ଧନମୁକ୍ତ) ଭାବେ ପରିଚିତ ହେଲେ ।

ପରବର୍ତ୍ତୀ ତିରିଶି ବର୍ଷ ମହାବୀର ସ୍ଥାନକୁ ସ୍ଥାନ ଭ୍ରମଣ କରି କୋଶଳ, ମଗଧ ଏବଂ ସୁଦୂର ପୂର୍ବର ବିଭିନ୍ନ ଅଞ୍ଚଳରେ ନିଜ ସିଦ୍ଧାନ୍ତ ପ୍ରଚାର କଲେ । ସେ ବର୍ଷରେ ଆଠ ମାସ ଭ୍ରମଣ କରୁଥିଲେ ଏବଂ ବର୍ଷା ଚାରି ମାସ ପୂର୍ବ ଭାରତର କୌଣସି ବିଖ୍ୟାତ ନଗରରେ ଅତିବାହିତ କରୁଥିଲେ । ଅଜାତଶତ୍ରୁ ଓ ବିମ୍ବିସାରଙ୍କ ରାଜ ଦରବାରକୁ ତାଙ୍କର ବହୁବାର ଆଗମନ ହୋଇଥିଲା । ୭୨ ବର୍ଷ ବୟସରେ ଖ୍ରୀ.ପୂ. ୪୬୮ରେ ପାଟନା ଜିଲ୍ଲାର ରାଜଗୃହ ନିକଟସ୍ଥ ପାବାଠାରେ ସେ ଦେହରକ୍ଷା କଲେ ।

## ୩.୭ ମହାବୀରଙ୍କ ଉପଦେଶ

ମହାବୀର ପାର୍ଶ୍ୱନାଥଙ୍କ ପ୍ରବର୍ତ୍ତିତ ଅଧିକାଂଶ ଧାର୍ମିକ ସିଦ୍ଧାନ୍ତ ଗ୍ରହଣ କରିଥିଲେ । ତେବେ ସେ ସେଥିରେ କିଛି ପରିବର୍ତ୍ତନ ଓ ପରିବର୍ଦ୍ଧନ ଘଟାଇଥିଲେ ।

ପାର୍ଶ୍ୱନାଥ ନିମ୍ନ ଚାରିଟି ସିଦ୍ଧାନ୍ତର ପକ୍ଷଧର ଥିଲେ:

କ) ସତ୍ୟ

ଖ) ଅହିଂସା

ଗ) ଅପରିଗ୍ରହ- ଅନାସକ୍ତି

ଘ) ଅସ୍ତେୟ- ସ୍ୱେଚ୍ଛାରେ ଦିଆଯାଇ ନ ଥିବା କୌଣସି ଦ୍ରବ୍ୟ ଗ୍ରହଣ ନ କରିବା । ଏହା ସହ ମହାବୀର ***ବ୍ରହ୍ମଚର୍ଯ୍ୟ***କୁ ଯୋଡ଼ିଥିଲେ ।

ମହାବୀର ବିଶ୍ୱାସ କରୁଥିଲେ ଯେ ଉଭୟ ଜୀବ (ଆତ୍ମା) ଓ ଅଜୀବ(ବସ୍ତୁ)ର ମୌଳିକ ଅସ୍ତିତ୍ୱ ରହିଛି । ତାଙ୍କ ମତରେ ପୂର୍ବବର୍ତ୍ତୀ ଜନ୍ମଗୁଡ଼ିକର ସଞ୍ଚିତ ବାସନାରୁ ଜାତ ବନ୍ଧନରେ ଜୀବ ପଡ଼ିଛି । ନିରବଚ୍ଛିନ୍ନ ସାଧନା ବଳରେ ଜୀବ ଏଇ ବନ୍ଧନରୁ ମୁକ୍ତ ହେବା ସମ୍ଭବପର । ଏହା ହିଁ ଜୀବ ପାଇଁ ପରାମୁକ୍ତି ବା ମୋକ୍ଷ । ଏହାପରେ ମୁକ୍ତ ଜୀବ *'ଶୁଦ୍ଧ ଜୀବ'*ରେ ପରିଣତ ହୁଏ ।



ଜୈନ ଧର୍ମ ଅନୁସାରେ ମନୁଷ୍ୟ ନିଜେ ହିଁ ନିଜ ଭାଗ୍ୟର ନିର୍ମାତା ଏବଂ ଏକ ଶୁଦ୍ଧପୁତ, ସଦାଚାରୀ ଓ ନିବୃତ୍ତିପୂର୍ଣ୍ଣ ଜୀବନ ଧାରଣ ଦ୍ୱାରା ***'ମୋକ୍ଷ'*** ପ୍ରାପ୍ତି ସମ୍ଭବପର । ନିମ୍ନ ତିନୋଟି ସିଦ୍ଧାନ୍ତ (***ରତ୍ନତ୍ରୟ*** ବା ତ୍ରିରତ୍ନ) ପାଳନ କଲେ ***ମୋକ୍ଷ(ନିର୍ବାଣ)*** ଲାଭ ସମ୍ଭବ ହୋଇ ପାରିବ:

୧. ସମ୍ୟକ୍ ଦର୍ଶନ

୨. ସମ୍ୟକ୍ ଜ୍ଞାନ

୩. ସମ୍ୟକ୍ ଚରିତ୍ର

ସର୍ବୋଚ୍ଚ ଆଧ୍ୟାତ୍ମିକ ସ୍ଥିତି ବା ***ନିର୍ବାଣ*** ଲାଭ ପାଇଁ ମହାବୀର ଏକ ଗମ୍ଭୀର ସନ୍ନ୍ୟାସ ଓ କଠୋର ତପଶ୍ଚର୍ଯ୍ୟାପୂର୍ଣ୍ଣ ଜୀବନର ପକ୍ଷଧର ଥିଲେ ।

ସେ ବିଶ୍ୱାସ କରୁଥିଲେ ଯେ କୌଣସି ପରମ ସ୍ରଷ୍ଟା ସଂସାରକୁ ସୃଷ୍ଟି କରି ନାହାନ୍ତି । ଜଗତ ଅବକ୍ଷୟ ଓ ବିକାଶର ଏକ ଚିରନ୍ତନ ନିୟମରେ କାର୍ଯ୍ୟ କରୁଛି ।

ତାଙ୍କ ଚିନ୍ତନରେ ଜଡ଼ ଓ ଚେତନ ପ୍ରତ୍ୟେକର ଏକ ଆତ୍ମା ରହିଛି । ସେ ବିଶ୍ୱାସ କରୁଥିଲେ ଯେ ଜଡ଼ ଓ ଚେତନ ପ୍ରତ୍ୟେକେ ପୀଡ଼ା ଓ ଆଘାତର ପ୍ରଭାବ ଅନୁଭବ କରନ୍ତି ।

ସେ ବେଦର କର୍ତ୍ତୃତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ବୈଦିକ ରୀତିନୀତି ଓ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟର ବିରୋଧ କରୁଥିଲେ ।

ଉଭୟ ଗୃହସ୍ଥ ଓ ସନ୍ନ୍ୟାସୀଙ୍କ ପାଇଁ ଆଚାର ସଂହିତା ନିର୍ଦ୍ଧାରଣ କରାଯାଇଥିଲା । ମନ୍ଦ କର୍ମରୁ ଦୂରେଇ ରହିବା ପାଇଁ ଜଣେ ଗୃହସ୍ଥକୁ ନିମ୍ନ ପାଞ୍ଚୋଟି ବ୍ରତ ପାଳନ କରିବାକୁ ହେବ:

୧. ଅହିଂସା,

୨. ଅସ୍ତେୟ,

୩. ବ୍ରହ୍ମଚର୍ଯ୍ୟ,

୪. ସତ୍ୟ,

୫. ଅପରିଗ୍ରହ ।

ଜଣେ ଗୃହସ୍ଥ ପ୍ରତ୍ୟେକ ଦିନ ଆର୍ତ୍ତ ଜନଙ୍କୁ ରନ୍ଧା ଖାଦ୍ୟ ଖୁଆଇବା ଉଚିତ ବୋଲି ମଧ୍ୟ ନିର୍ଦ୍ଧାରିତ ହୋଇଥିଲା ।

ଉଭିଦ ଓ କୀଟମାନଙ୍କ ବଧ ସାଧିତ ହେଉଥିବାରୁ ମହାବୀର ସାଧାରଣ ଉପାସକ ସୁଦ୍ଧା କୃଷି କାର୍ଯ୍ୟରେ ପ୍ରବୃତ୍ତ ନ ହୁଅନ୍ତୁ ବୋଲି ପ୍ରଚାର କରୁଥିଲେ ।

ସନ୍ନ୍ୟାସୀଙ୍କ ପାଇଁ କଠୋର ନିୟମାବଳୀର ଅନୁପାଳନ ଅନିବାର୍ଯ୍ୟ ଥିଲା । ସେ ସକଳ ସାଂସାରିକ ସମ୍ପଦ ପରିତ୍ୟାଗ କରିବେ । ସ୍ୱହସ୍ତରେ ମସ୍ତକର ପ୍ରତ୍ୟେକ କେଶ ଉତ୍ପାଟନ କରିବେ । କୌଣସି ପ୍ରାଣୀଙ୍କୁ ବଧ ନ କରି କି ଆଘାତ ନ ଦେଇ କେବଳ ଦିନରେ ଚଳପ୍ରଚଳ ହେବେ । ଇନ୍ଦ୍ରିୟ ଲାଳସା ଦ୍ୱାରା ପ୍ରଭାବିତ ନ ହେବା ଭଳି ନିଜକୁ ପ୍ରଶିକ୍ଷିତ କରିବେ ।

ଜୈନ ଧର୍ମ ବିଶ୍ୱାସ କରେ ଯେ ମୋକ୍ଷ ଲାଭ ପାଇଁ ସନ୍ନ୍ୟାସ ଅପରିହାର୍ଯ୍ୟ ଏବଂ ଗୃହସ୍ଥ କେବେ ମଧ୍ୟ ଏହା ପ୍ରାପ୍ତ ହୋଇପାରିବେ ନାହିଁ ।

ପରମ୍ପରା ଅନୁସାରେ ମହାବୀରଙ୍କ ଉପଦିଷ୍ଟ ମୂଳ ସିଦ୍ଧାନ୍ତ ସମୂହ ***'ପୂର୍ବ'*** ନାମରେ ପରିଚିତ ୧୪ଟି ପ୍ରାଚୀନ ଗ୍ରନ୍ଥରେ ଲିପିବଦ୍ଧ । ପାଟଳିପୁତ୍ରରେ ଅନୁଷ୍ଠିତ ପ୍ରଥମ ପରିଷଦରେ ସ୍ଥୁଳଭଦ୍ର ଜୈନ ସିଦ୍ଧାନ୍ତକୁ ୧୨ଟି ***'ଅଙ୍ଗ'*** ବା ବିଭାଗରେ ବିଭକ୍ତ କଲେ । ଏହା ଶ୍ୱେତାମ୍ବରମାନଙ୍କ ଦ୍ୱାରା ସ୍ୱୀକୃତ ହେଲା । କିନ୍ତୁ ଦିଗମ୍ବରମାନେ ସକଳ ପ୍ରାଚୀନ ଗ୍ରନ୍ଥ ଲୁପ୍ତ ହୋଇଯାଇଥିବା ଦାବୀ କରି ଏହାକୁ ପ୍ରତ୍ୟାଖ୍ୟାନ କଲେ । ବଲ୍ଲଭୀରେ ଅନୁଷ୍ଠିତ ଦ୍ୱିତୀୟ. ପରିଷଦରେ 'ଉପାଙ୍ଗ' ବା ଉପବିଭାଗ ନାମରେ ଏଥିରେ କିଛି ନୂତନ ସଂଯୋଗ କରାଗଲା ।

୧୨ଟି ଅଙ୍ଗ ମଧ୍ୟରୁ ***ଆଚାରାଙ୍ଗ ସୁତ୍ତ*** ଓ ***ଭଗବତୀ ସୁତ୍ତ*** ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ । ପ୍ରଥମଟି ଜୈନ ସନ୍ନ୍ୟାସୀଙ୍କୁ ଅନୁପାଳନ କରିବାକୁ ପଡୁଥିବା ଆଚାର ସଂହିତା ହୋଇଥିବା ବେଳେ ଅପରଟି ଜୈନ ଦର୍ଶନର ବିଶଦ ରୂପରେ ବ୍ୟାଖ୍ୟା ।

## ୩.୮ ଜୈନ ଧର୍ମର ବିକାଶ

ମହାବୀରଙ୍କ ଉପଦେଶ ସାଧାରଣରେ ଥିଲା ଜନପ୍ରିୟ ଏବଂ ସମାଜର ବିଭିନ୍ନ ବର୍ଗର ଜନତା ଥିଲେ ଏଥିପ୍ରତି ଆକୃଷ୍ଟ । ବୌଦ୍ଧ ଧର୍ମ ଭଳି ଜୈନ ଧର୍ମରେ ମଧ୍ୟ ସମୟ ସହ ତାଳଦେଇ ବହୁ ପରିବର୍ତ୍ତନ ଆସିଲା । ବର୍ତ୍ତମାନ କେଉଁ କାରଣ ଯୋଗୁଁ ଏ ଧର୍ମର ପ୍ରସାର ହେଲା ଏବଂ ଏହାର ବିକାଶ କି ରୂପ ନେଲା ତାହା ଆଲୋଚନା କରାଯାଉଛି ।

### ୩.୮.୧ ଜୈନ ଧର୍ମର ପ୍ରସାର

***ଗଣଧର*** ବା ସମ୍ପ୍ରଦାୟ ପ୍ରମୁଖ ନାମରେ ବିଦିତ ମହାବୀରଙ୍କ ଏଗାର ଜଣ ଶିଷ୍ୟ ଥିଲେ । ମହାବୀରଙ୍କ ଶରୀର ରକ୍ଷା ବେଳକୁ ଏମାନଙ୍କ ମଧ୍ୟରୁ କେବଳ ଜଣେ ***ଗଣଧର*** ଆର୍ଯ୍ୟ ସୁଧର୍ମା ବଞ୍ଚିଥିଲେ ଏବଂ ସେ ଜୈନ ବ୍ୟବସ୍ଥାର ପ୍ରଥମ 'ଥେର' (ପ୍ରଧାନ ଗୁରୁ) ହେଲେ । ମହାବୀରଙ୍କ ଶରୀର ରକ୍ଷାର ୨୦ ବର୍ଷ ପରେ ତାଙ୍କର ଦେହାନ୍ତ ହେଲା । ପରବର୍ତ୍ତୀ ନନ୍ଦ ରାଜାମାନଙ୍କ ଶାସନ ସମୟକୁ ଜୈନ ବ୍ୟବସ୍ଥା ଦୁଇ ଜଣ ଥେରଙ୍କ ନିର୍ଦ୍ଦେଶରେ ଚାଲୁଥିଲା:

କ) ସମ୍ଭୂତବିଜୟ ଏବଂ

ଖ) ଭଦ୍ରବାହୁ ।

ଭଦ୍ରବାହୁ ଥିଲେ ମୌର୍ଯ୍ୟ ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସାମସମୟିକ ଏବଂ ଷଷ୍ଠ ଥେର ।

ଆସ୍ତେ ଆସ୍ତେ ମହାବୀରଙ୍କ ଅନୁଗାମୀମାନେ ସମଗ୍ର ଦେଶରେ ବ୍ୟାପ୍ତ ହେଲେ । ଅନେକ ଅଞ୍ଚଳରେ ଜୈନ ଧର୍ମକୁ ରାଜ ପୃଷ୍ଠପୋଷକତା ପ୍ରାପ୍ତ ହେଲା । ଜୈନ ପରମ୍ପରା ଅନୁସାରେ ଅଜାତଶତ୍ରୁଙ୍କ ଉତ୍ତରାଧିକାରୀ ଉଦୟିନ ଥିଲେ ଜଣେ ସମର୍ପିତ ଜୈନ । ଆଲେକଜାଣ୍ଡରଙ୍କ ଭାରତ ଆକ୍ରମଣ

ବେଳକୁ ସିନ୍ଧୁ ନଦୀ ତଟରେ ଜୈନ ସନ୍ନ୍ୟାସୀମାନେ ବିଚରଣ କରୁଥିଲେ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଥିଲେ ଜଣେ ଜୈନ ଧର୍ମାବଲମ୍ବୀ ଏବଂ ସେ ଭଦ୍ରବାହୁଙ୍କ ସହ ପ୍ରବ୍ରଜ୍ୟା କରି ଦକ୍ଷିଣରେ ଜୈନ ଧର୍ମର ବିସ୍ତାର ଘଟାଇଥିଲେ । ଖ୍ରୀଷ୍ଟ ସମ୍ବତ୍ସରର ଆଦି ଶତାବ୍ଦୀଗୁଡ଼ିକରେ ମଥୁରା ଓ ଉଜ୍ଜୟିନୀ ଥିଲା ଜୈନ ଧର୍ମର ପ୍ରଧାନ କେନ୍ଦ୍ର ।

ବୌଦ୍ଧ ଧର୍ମ ଅପେକ୍ଷା ଜୈନ ଧର୍ମର କୃତିତ୍ୱ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ଏଇ ସଫଳତାର ଗୋଟିଏ ପ୍ରଧାନ କାରଣ ହେଉଛି ସଂସ୍କୃତ ବଦଳରେ ମହାବୀର ଓ ତାଙ୍କ ଅନୁଗାମୀମାନଙ୍କ ଦ୍ୱାରା ଜନ ଭାଷା ପ୍ରାକୃତର ବ୍ୟବହାର । ଧାର୍ମିକ ସାହିତ୍ୟ ମଧ୍ୟ ଅର୍ଦ୍ଧମାଗଧୀରେ ଲେଖାଯାଇଥିଲା । ଗଣଙ୍କ ପାଇଁ ନିର୍ଦ୍ଧାରିତ ସରଳ ଓ ସାଦା ନୈତିକତା ଲୋକଙ୍କୁ ଆକୃଷ୍ଟ କରୁଥିଲା । ରାଜ ପୃଷ୍ଠପୋଷକତା ଜନମନରେ ଜୈନ ଧର୍ମ ସ୍ଥାନ ଲାଭ କରିବାକୁ ସହାୟକ ସିଦ୍ଧ ହୋଇଥିଲା ।

### ୩.୮.୨ ଜୈନ ପରିଷଦ

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନ କାଳର ଶେଷ ଆଡ଼କୁ ଦକ୍ଷିଣ ବିହାରରେ ଏକ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଲା । ଏହା ପ୍ରାୟ ବାର ବର୍ଷ ବ୍ୟାପୀ ଥିଲା । ଶିଷ୍ୟମାନଙ୍କ ସହ ଥେର ଭଦ୍ରବାହୁ ପ୍ରବ୍ରଜ୍ୟାରେ କର୍ଣ୍ଣାଟକର ଶ୍ରବଣବେଲଗୋଲା ଚାଲିଗଲେ । ସ୍ଥୁଳଭଦ୍ରଙ୍କ ନେତୃତ୍ୱରେ ଅପର ଜୈନମାନେ ବିହାରରେ ଅବସ୍ଥାନ କଲେ । ପ୍ରାୟ ଖ୍ରୀ.ପୂ. ୩୦୦ ବେଳକୁ ସେମାନେ ପାଟଳିପୁତ୍ରରେ ଏକ ପରିଷଦ ଆବାହନ କଲେ । ସେଇ ପରିଷଦରେ ମହାବୀରଙ୍କ ପବିତ୍ର ଉପଦେଶାବଳୀକୁ ବାରଟି ଅଙ୍ଗରେ ବିଭକ୍ତ କରାଗଲା ।

ଖ୍ରୀ. ୫୧୨ରେ ଦେବାର୍ଧୀ କ୍ଷେମଶର୍ମଣଙ୍କ ଅଧ୍ୟକ୍ଷତାରେ ଗୁଜରାଟର ବଲ୍ଲଭୀଠାରେ ଦ୍ୱିତୀୟ ପରିଷଦ ଅନୁଷ୍ଠିତ ହେଲା । ଏଇ ପରିଷଦର ଲକ୍ଷ୍ୟ ଥିଲା ପବିତ୍ର ଗ୍ରନ୍ଥ ସମୂହର ସଂଗ୍ରହଣ ଏବଂ ବ୍ୟବସ୍ଥିତ ଢଙ୍ଗରେ ଲିଖନ । ଏତିକି ବେଳକୁ ପ୍ରଥମ ପରିଷଦରେ ଅନିର୍ଣ୍ଣିତ ୧୨ତମ *ଅଙ୍ଗ*ଟି ଲୁପ୍ତ ହୋଇ ସାରିଥିଲା । ଅବଶିଷ୍ଟ ଅଙ୍ଗଗୁଡ଼ିକୁ ଅର୍ଦ୍ଧମାଗଧୀରେ ଲେଖାଗଲା ।

### ୩.୮.୩ ଜୈନ ସମ୍ପ୍ରଦାୟ ସମୂହ

ଖ୍ରୀ.ପୂ. ତୃତୀୟ ଶତାବ୍ଦୀଠାରୁ ଜୈନ ବ୍ୟବସ୍ଥାରେ ବିଭାଜନ ପ୍ରଶସ୍ତତର ହୋଇଛି । ଏପରିକି ମହାବୀରଙ୍କ ସମୟରେ ବସ୍ତ୍ର ପରିଧାନ ନେଇ ମତପାର୍ଥକ୍ୟ ସ୍ପଷ୍ଟ ଦୃଶ୍ୟମାନ ଥିଲା । ଶ୍ରବଣବେଲଗୋଲାରୁ ମଗଧ ପ୍ରତ୍ୟାବର୍ତ୍ତନ ପରେ ଭଦ୍ରବାହୁଙ୍କ ଅନୁଗାମୀମାନେ ଚତୁର୍ଦ୍ଦଶ ***ପୂର୍ବ*** ଲୁପ୍ତ ହୋଇଯାଇଥିବା ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କଲେ । ଅଧିକନ୍ତୁ ପ୍ରବ୍ରଜ୍ୟାକାରୀ ଓ ମଗଧବାସୀ ଅନୁଗାମୀମାନଙ୍କ ମଧ୍ୟରେ ପାର୍ଥକ୍ୟ ତୀବ୍ରତର ହେବାକୁ ଲାଗିଲା । ପରବର୍ତ୍ତୀ ଗୋଷ୍ଠୀଟି ଶ୍ୱେତବସ୍ତ୍ର ପରିଧାନରେ ଅଭ୍ୟସ୍ତ ହୋଇ ସାରିଥିଲେ ଏବଂ ମହାବୀରଙ୍କ ଉପଦେଶରୁ ଦୂରେଇ ଯାଇଥିଲେ । ପ୍ରଥମ ଗୋଷ୍ଠୀଟି କିନ୍ତୁ ତଥାପି ଦିଗମ୍ବର ଥିଲେ ଏବଂ ମହାବୀରଙ୍କ ବଚନର କଠୋର ଅନୁଗମନ କରୁଥିଲେ । ତେଣୁ ଜୈନ ବ୍ୟବସ୍ଥାର ପ୍ରଥମ ବିଭାଜନ ଦିଗମ୍ବର(ନଗ୍ନ) ଏବଂ ଶ୍ୱେତାମ୍ବର(ଶୁକ୍ଳ ବସ୍ତ୍ରଧାରୀ)ଙ୍କ ମଧ୍ୟରେ ହୋଇଥିଲା ।

ପରବର୍ତ୍ତୀ କାଳରେ ଉଭୟ ସମ୍ପ୍ରଦାୟରେ ଆହୁରି ଅଧିକ ବିଭାଜନ ଘଟିଲା । ଏ ମଧ୍ୟରେ ସବୁଠାରୁ ମହତ୍ୱପୂର୍ଣ୍ଣ ହେଉଛି ଖ୍ରୀ. ଷଷ୍ଠ ଶତାବ୍ଦୀରେ ଘଟିଥିବା ଏକ ବିଭାଜନ । ଗୋଟିଏ ଗୋଷ୍ଠୀ ପ୍ରତିମା ପୂଜାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କେବଳ ଶାସ୍ତ୍ର ପ୍ରତି ସମର୍ପିତ ହେଲେ । ଶ୍ୱେତାମ୍ବରଙ୍କ ମଧ୍ୟରେ ସେମାନଙ୍କୁ ***ତେରାପନ୍ଥୀ*** ଏବଂ ଦିଗମ୍ବରଙ୍କ ମଧ୍ୟରେ ***ସମାଇୟା*** କୁହାଗଲା ।

## ୩.୯ ଅପର ନାସ୍ତିକ ସିଦ୍ଧାନ୍ତ ସମୂହ

ଏ ସମୟରେ ବହୁ ଅବୈଦିକ ସିଦ୍ଧାନ୍ତର ପ୍ରଚଳନ ଥିଲା । ପରବର୍ତ୍ତୀ କାଳରେ ସେସବୁ କ୍ଷୁଦ୍ର କ୍ଷୁଦ୍ର ସମ୍ପ୍ରଦାୟରେ ପରିଣତ ହେଲେ । ଏ ମଧ୍ୟରୁ ଆଜୀବିକ ସମ୍ପ୍ରଦାୟର ଏକ ସ୍ୱୀକୃତ ସଂଗଠନ ଏବଂ ସଂଖ୍ୟା ଦୃଷ୍ଟିରୁ ଉଲ୍ଲେଖନୀୟ ଅନୁଗାମୀ ଥିଲା ।

### ୩.୯.୧ ଆଜୀବିକ

କୁହାଯାଏ ଆଜୀବିକମାନେ ଶୂଦ୍ର ***ସନ୍ନ୍ୟାସୀ;*** ନନ୍ଦ ବଚ୍ଛ ଏହାର ପ୍ରତିଷ୍ଠାତା । କିସ ସଙ୍କିଚ୍ଚ ତାଙ୍କ ପରବର୍ତ୍ତୀ ଗୁରୁ । ତୃତୀୟ ଧାର୍ମିକ ଗୁରୁ ମକ୍ଖଲି ଗୋଶଳଙ୍କ ଦ୍ୱାରା ସମ୍ପ୍ରଦାୟଟି ଜନପ୍ରିୟତା ଅର୍ଜନ କରିଥିଲା । ସେ 'କର୍ମ'ବାଦକୁ ପ୍ରତ୍ୟାଖ୍ୟାନ କରୁଥିଲେ ଏବଂ ମନୁଷ୍ୟ ପ୍ରାକୃତିକ ବିଧାନର ଅଧୀନ

ବୋଲି ତର୍କ କରୁଥିଲେ । ଆଜୀବିକମାନଙ୍କ ବିଶ୍ୱାସରେ ବ୍ୟକ୍ତିର ଚିନ୍ତନ ଓ କର୍ମ ପୂର୍ବ ନିର୍ଦ୍ଧାରିତ । ଜନ୍ମ ପୂର୍ବରୁ ଏହାର ନିଷ୍ପତ୍ତି ହୋଇସାରିଥାଏ । ମନୁଷ୍ୟର କ୍ଳେଶ ଅଥବା ତହିଁର ମୋଚନ ପଶ୍ଚାତରେ କୌଣସି ସ୍ୱତନ୍ତ୍ର କାରଣ ଥିବାରେ ସେମାନେ ବିଶ୍ୱାସ କରନ୍ତି ନାହିଁ । ସେମାନେ ମାନବୀୟ ପ୍ରଚେଷ୍ଟାରେ ବିଶ୍ୱାସ କରନ୍ତି ନାହିଁ ଏବଂ ଗ୍ରହଣ କରନ୍ତି ଯେ ଭାଗ୍ୟ ସମକ୍ଷରେ ସକଳ ଜୀବ ଅସହାୟ । ଗୋଶଳ କହନ୍ତି ଯେ ସକଳ ଜୀବ କ୍ଳେଶର ସମ୍ମୁଖୀନ ହେବାକୁ ବାଧ ଏବଂ ନିର୍ଦ୍ଧାରିତ ଚକ୍ର ସମ୍ପୂର୍ଣ୍ଣ ହେବା ପରେ ହିଁ ଏହାର ଅନ୍ତ ଘଟିବ । କୌଣସି ମାନବୀୟ ପ୍ରଚେଷ୍ଟା ଏ ସମୟରେ ହ୍ରାସ ବୃଦ୍ଧି ଘଟାଇ ପାରିବ ନାହିଁ । କୋଶଳର ରାଜଧାନୀ ଶ୍ରାବସ୍ତି ଥିଲା ଗୋଶଳଙ୍କ ଅନୁଗାମୀମାନଙ୍କ କେନ୍ଦ୍ର ସ୍ଥଳ । ଏଠାରେ ଧର୍ମ ପ୍ରଚାର କରି ମହାବୀରଙ୍କ ଷୋହଳ ବର୍ଷ ପୂର୍ବରୁ ସେ ଶରୀର ତ୍ୟାଗ କରିଥିଲେ।

### ୩.୯.୨ ଅପର ସିଦ୍ଧାନ୍ତ ସମୂହ

ଚାର୍ବାକ ପନ୍ଥୀମାନେ ସମ୍ପୂର୍ଣ୍ଣ ବସ୍ତୁବାଦରେ ବିଶ୍ୱାସୀ । ସେମାନଙ୍କ ମତରେ ବ୍ୟକ୍ତିର ଶରୀର ବସ୍ତୁରେ ଗଢ଼ା ଏବଂ ପରିଶେଷରେ ଏହାର ଅନ୍ତ ବସ୍ତୁରେ ହିଁ ହେବ । ଅତଏବ ଭୌତିକ ସୁଖର ପରିପୂର୍ଣ୍ଣ ଉପଭୋଗ ମାନବ ଜୀବନର ଲକ୍ଷ୍ୟ ହେବା ଉଚିତ ।

ପୁରାଣ କସ୍ସପ ଥିଲେ ଅକ୍ରିୟା ସିଦ୍ଧାନ୍ତ ବା କର୍ମଶୂନ୍ୟତାର ପ୍ରଚାରକ । ଏଇ ବ୍ରାହ୍ମଣ ଗୁରୁଙ୍କ ମୂଳ ସିଦ୍ଧାନ୍ତ ଥିଲା- କର୍ମ ପୁଣ୍ୟ ବା ପାପର ମାର୍ଗ ନିର୍ମାଣ କରେ ନାହିଁ । ତାଙ୍କ ମତରେ ଏଇ ଧରାପୃଷ୍ଠର ସକଳ ପ୍ରାଣୀଙ୍କୁ ହତ୍ୟା କଲେ ମଧ ହତ୍ୟାକାରୀ କୌଣସି ପାପଭାଗୀ ହେବେ ନାହିଁ । ଅନୁରୂପ ଭାବେ ଉତ୍ତମ କର୍ମ କରି ଅଥବା ଗଙ୍ଗା ତଟରେ ଦଣ୍ଡାୟମାନ ରହି ସେ କୌଣସି ପୁଣ୍ୟ ଅର୍ଜନ କରି ପାରିବେ ନାହିଁ । ସେହିଭଳି ଆତ୍ମସଂଯମ, ଦାନ ଓ ସତ୍ୟବଦ୍ଧତା ଦ୍ୱାରା କୌଣସି ପୁଣ୍ୟ ଲାଭ କରାଯାଇ ପାରିବ ନାହିଁ ।

ଅଜିତ କେଶକମ୍ବଳୀ ପ୍ରଚାର କରୁଥିଲେ- ପ୍ରତ୍ୟେକର ଅନ୍ତ ମୃତ୍ୟୁ ଏବଂ ମୃତ୍ୟୁ ପରେ ଅପର ଜୀବନ ନାହିଁ । ସେ ଭଲ ଓ ମନ୍ଦ କର୍ମର ଫଳ ଅଥବା ବ୍ୟକ୍ତି ବିଶେଷର ଉଚ୍ଚତର କି ଆଧିଦୈବିକ ସାମର୍ଥ୍ୟ ଉପରେ ଆଧିପତ୍ୟରେ ବିଶ୍ୱାସ କରୁ ନ ଥିଲେ । ଏଇ ସମ୍ପ୍ରଦାୟ ମତରେ ସାଂସାରିକ ସୁଖ ଭୋଗରେ କୌଣସି ଭୁଲ ନାହିଁ କି ହତ୍ୟା କଲେ ପାପ ହୁଏ ନାହିଁ ।

ପକୁଢ କଚ୍ଚାୟନ ସସ୍‌ସତବାଦ ସିଦ୍ଧାନ୍ତର ପ୍ରଚାରକ । ଏଇ ମତରେ ଭୂତ ସଂଖ୍ୟା ସାତ ଏବଂ ସେଗୁଡ଼ିକ ଶାଶ୍ୱତ ଓ ଅବିକାରୀ । ସପ୍ତ ଭୂତ ସୁଖ ଅଥବା କ୍ଳେଶର କାରକ ନୁହନ୍ତି । ଏଇ ସପ୍ତ ଭୂତରେ ବିଲୀନ ହେବା ଶରୀରର ଚରମ ପରିଣତି ।

## ୩.୧୦ ନୂତନ ଧାର୍ମିକ ସିଦ୍ଧାନ୍ତ ସମୂହର ପ୍ରଭାବ

ନୂତନ ଧାର୍ମିକ ସିଦ୍ଧାନ୍ତ ସମୂହର ଅଭ୍ୟୁଦୟ ଓ ବିକାଶ ସମକାଳୀନ ସମାଜ ଜୀବନରେ କେତେକ ମହତ୍ୱପୂର୍ଣ୍ଣ ପରିବର୍ତ୍ତନର କାରଣ ହେଲା । ନିମ୍ନରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସୂଚିତ ହେଉଛି।

୧. ଏଇ ସମୟରେ ସାମାଜିକ ସମତା ଭାବଧାରା ଜନପ୍ରିୟ ହୋଇଥିଲା । ବୌଦ୍ଧ ଓ ଜୈନମାନେ ଜାତି ବ୍ୟବସ୍ଥାକୁ କୌଣସି ମହତ୍ୱ ପ୍ରଦାନ କରୁ ନ ଥିଲେ । ସେମାନେ ନିଜ ନିଜ ଧାର୍ମିକ ବ୍ୟବସ୍ଥାରେ ବିବିଧ ଜାତିର ବ୍ୟକ୍ତି ବିଶେଷଙ୍କୁ ଗ୍ରହଣ କରୁଥିଲେ । ଏହା ସମାଜରେ ଯୁଗ ଯୁଗ ବ୍ୟାପୀ ବ୍ରାହ୍ମଣ ଆଧିପତ୍ୟ ପ୍ରତି ଏକ ବିରାଟ ବିପଦ ଥିଲା । ବୌଦ୍ଧ ସଂଘରେ ମହିଳାମାନଙ୍କୁ ଗ୍ରହଣ କରାଯିବା ମଧ୍ୟ ସମାଜ ଉପରେ ଗଭୀର ପ୍ରଭାବପାତ କରିଥିଲା । କାରଣ ଏହା ସମାଜରେ ପୁରୁଷ ସହ ମହିଳାମାନଙ୍କୁ ସମାନ ଅଧିକାର ପ୍ରଦାନ କରିଥିଲା ।

୨. ବ୍ରାହ୍ମଣ୍ୟ ଗ୍ରନ୍ଥରେ ବୈଶ୍ୟମାନଙ୍କ ସ୍ଥିତି ଥିଲା ନ୍ୟୂନତର । ସମୁଦ୍ର ଯାତ୍ରା ମଧ୍ୟ ନିନ୍ଦିତ ଥିଲା । କିନ୍ତୁ ବୌଦ୍ଧ ଓ ଜୈନମାନେ ଜାତି ବ୍ୟବସ୍ଥାକୁ ମହତ୍ୱ ଦେଲେ ନାହିଁ କି ସମୁଦ୍ର ଯାତ୍ରାକୁ ନ୍ୟୂନ ଦୃଷ୍ଟିରେ ଦେଖିଲେ ନାହିଁ । ବଣିକ ଗୋଷ୍ଠୀ ତେଣୁ ଏଇ ନୂତନ ଧର୍ମଗୁଡ଼ିକ ଦ୍ୱାରା ବିଶେଷ ଭାବେ ଉତ୍ସାହିତ ହେଲେ । ଅଧିକନ୍ତୁ ଏଇ ନୂତନ ଧର୍ମଗୁଡ଼ିକ ଦ୍ୱାରା 'କର୍ମ' ଉପରେ ଗୁରୁତ୍ୱ ଦାନ ପରୋକ୍ଷରେ ବଣିକ ସମ୍ପ୍ରଦାୟର କ୍ରିୟାକଳାପ ପ୍ରତି ସହାୟକ ହେଲା ।

୩. ନୂତନ ଧର୍ମଗୁଡ଼ିକ ପ୍ରାକୃତ, ପାଲୀ, ଅର୍ଦ୍ଧମାଗଧୀ ପ୍ରଭୃତି ଭାଷାକୁ ଗୁରୁତ୍ୱ ଦେଲେ । ବୌଦ୍ଧ ଓ ଜୈନ ଦର୍ଶନସବୁ ଏଇ ଭାଷାଗୁଡ଼ିକରେ ଆଲୋଚିତ ହେଲା ଏବଂ ପରବର୍ତ୍ତୀ କାଳରେ

ସ୍ଥାନୀୟ ଭାଷାରେ ଶାସ୍ତ୍ରମାନ ଲେଖାଗଲା । ଏହା ପ୍ରାକୃତ ସାହିତ୍ୟର ବିକାଶ ପାଇଁ ମାର୍ଗ ଉନ୍ମୋଚନ କଲା । ଜୈନମାନେ ପ୍ରଥମ ଥର ପାଇଁ ସେମାନଙ୍କ ଶାସ୍ତ୍ର ଲେଖି ଅର୍ଦ୍ଧମାଗଧୀ ଭଳି ଏକ ମିଶ୍ର ବିଭାଷାକୁ ସାହିତ୍ୟିକ ରୂପ ଦେଲେ ।

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଜୈନ ଧର୍ମର ମୌଳିକ ସିଦ୍ଧାନ୍ତ କ'ଣ ? ୧୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ଆଜୀବିକମାନେ କିଏ ? ସେମାନଙ୍କ ସିଦ୍ଧାନ୍ତ ସମୂହ କ'ଣ ? ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୩.** ବକ୍ତବ୍ୟଗୁଡ଼ିକ ଠିକ(✓) କି ଭୁଲ(✗) ଚିହ୍ନିତ କରନ୍ତୁ ।

କ) ପାର୍ଶ୍ୱନାଥଙ୍କ ଚାରି ସିଦ୍ଧାନ୍ତ ସହ ମହାବୀର ବ୍ରହ୍ମଚର୍ଯ୍ୟକୁ ଯୋଗ କଲେ ।

ଖ) ମହାବୀର ପରମ ସ୍ରଷ୍ଟାରେ ବିଶ୍ୱାସ କରନ୍ତି ନାହିଁ ।

ଗ) ବୌଦ୍ଧ ଧର୍ମ ଓ ଜୈନ ଧର୍ମରେ 'ନିର୍ବାଣ'ର ଅବଧାରଣା ସମାନ ।

ଘ) ମହାବୀରଙ୍କ ସିଦ୍ଧାନ୍ତର ମୌଳିକ ଗ୍ରନ୍ଥଗୁଡ଼ିକ ପୂର୍ବା ନାମରେ ବିଦିତ ।

ଙ) ନାସ୍ତିକ ସିଦ୍ଧାନ୍ତ ସମୂହର ଅଭ୍ୟୁଦୟ ଦ୍ୱାରା ପ୍ରାକୃତ ଭାଷାର ବିକାଶ ଘଟିଲା ।

## ୩.୧୧ ସାରାଂଶ

ଏଇ ଏକକରେ ଆପଣ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଉତ୍ତର ଭାରତରେ ନୂତନ ଧାର୍ମିକ ସିଦ୍ଧାନ୍ତ ସମୂହର ଅଭ୍ୟୁଦୟ ଓ ପ୍ରତିଷ୍ଠା ପାଠ କଲେ । ଏସବୁ ନୂତନ ଧାର୍ମିକ ସିଦ୍ଧାନ୍ତର ଅଭ୍ୟୁଦୟ ପାଇଁ ସମକାଳୀନ ସାମାଜିକ ଓ ଆର୍ଥନୀତିକ ଆବଶ୍ୟକତା ଅନେକ ମାତ୍ରାରେ ଦାୟୀ । ଏ ମଧ୍ୟରୁ ବୌଦ୍ଧ ଧର୍ମ ଓ ଜୈନ ଧର୍ମ ଲୋକଙ୍କ ମଧ୍ୟରେ ଥିଲା ଅଧିକ ଆଦୃତ । କେତେକ ପାର୍ଥକ୍ୟ ସତ୍ତ୍ୱେ ଉଭୟ ଧର୍ମ ମାନବିକତା, ନୈତିକ ଜୀବନ, *'କର୍ମ'* ଓ *'ଅହିଂସା'* ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ଉଭୟ ଜାତି ବ୍ୟବସ୍ଥା, ବ୍ରାହ୍ମଣ ଆଧିପତ୍ୟ, ପଶୁବଳି ଓ ଈଶ୍ୱର ଅବଧାରଣାର ଘୋର ବିରୋଧ କରୁଥିଲେ । ଏହା ପ୍ରଚଳିତ ବୈଦିକ ଧର୍ମ ପ୍ରତି ଏକ ପ୍ରତ୍ୟକ୍ଷ ଆହ୍ୱାନ ଥିଲା । ଏହା ସଙ୍ଗକୁ ଆପଣ ଆଜୀବିକ ଆଦି ଅପର ସମ୍ପ୍ରଦାୟ ଓ ସେମାନଙ୍କ ସିଦ୍ଧାନ୍ତ ସହ ପରିଚିତ ହେଲେ । ଏସବୁ ଲୋକଙ୍କ ଦୃଷ୍ଟିଭଙ୍ଗୀରେ ବିରାଟ ପରିବର୍ତ୍ତନ ଆଣିଲା ଏବଂ ପରିଣାମ ସ୍ୱରୂପ ସେମାନେ ଯୁଗ ଯୁଗ ବ୍ୟାପୀ ବ୍ରାହ୍ମଣ୍ୟ ଧର୍ମର ଆଧିପତ୍ୟକୁ ପ୍ରଶ୍ନ କରିବା ଆରମ୍ଭ କଲେ ।

## ୩.୧୨ ସୂଚକ ଶବ୍ଦାବଳୀ

***ଅହିଂସା:*** ହତ୍ୟା ନ କରିବା

***ନାସ୍ତିକ:*** ଅରକ୍ଷଣଶୀଳ

***କର୍ମ:*** ବ୍ୟକ୍ତିର କାର୍ଯ୍ୟ

***ପିଟକ:*** ବୌଦ୍ଧ ଧର୍ମ ଗ୍ରନ୍ଥ

***ପୂର୍ବା:*** ଜୈନ ଧର୍ମ ଗ୍ରନ୍ଥ

***ବିଭାଜନ:*** ଏକ ସଂଗଠନ ଦୁଇ ବା ଅଧିକ ଗୋଷ୍ଠୀରେ ଭାଗ ଭାଗ ହୋଇଯିବା

***ସମ୍ପ୍ରଦାୟ:*** ମତ ବା ବିଶ୍ୱାସ ଆଧାରରେ ଏକାଠି ହୋଇଥିବା ଜନ ଗୋଷ୍ଠୀ

***ତୀର୍ଥଙ୍କର:*** ପରମ ଜ୍ଞାନ ପ୍ରାପ୍ତ ହୋଇଥିବା ଜୈନ ପ୍ରଚାରକ

## ୩.୧୩ ପ୍ରଗତି ପରିମାପକ ଉତ୍ତର

### ପ୍ରଗତି ପରୀକ୍ଷଣ-୧

**ପ୍ରଶ୍ନ ୧ର ଉତ୍ତର:** 'ନିର୍ବାଣ' ଓ 'କର୍ମ' କହିଲେ ବୁଦ୍ଧ କ'ଣ ବୁଝୁଥିଲେ ତାହା ଏଠାରେ ଲେଖିବାକୁ ହେବ । ଉପବିଭାଗ ୩.୪ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଆପଣଙ୍କ ଉତ୍ତରରେ ବୌଦ୍ଧ ଧର୍ମର ବ୍ୟାବହାରିକ ଦିଗ ସବୁକୁ ଅନ୍ତର୍ଭୁକ୍ତ କରିବାକୁ ହେବ । ଏହା ସାମାଜିକ ସମତା, ଲୋକ ଭାଷା ଆଦି ଉପରେ ଗୁରୁତ୍ୱ ପ୍ରଦାନ କରେ । ଉପବିଭାଗ ୩.୫.୧ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** କ) ✓ ଖ) ✗ ଗ) ✗ ଘ) ✓ ଙ) ✗

### ପ୍ରଗତି ପରୀକ୍ଷଣ-୨

**ପ୍ରଶ୍ନ ୧ର ଉତ୍ତର:** ଆପଣଙ୍କୁ ପଞ୍ଚ ସିଦ୍ଧାନ୍ତ ଅର୍ଥାତ୍ ସତ୍ୟ, ଅହିଂସା, ଅପରିଗ୍ରହ, ଅସ୍ତେୟ ଓ ବ୍ରହ୍ମଚର୍ଯ୍ୟ ଏବଂ ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ କର୍ମ ସିଦ୍ଧାନ୍ତ ଅନୁସରଣ କରି ଜଣେ କିପରି ନିର୍ବାଣ ଲାଭ କରି ପାରିବେ ତାହା ଆଲୋଚନା କରିବାକୁ ହେବ । ଉପବିଭାଗ ୩.୭ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ସମ୍ପ୍ରଦାୟଟିର ପ୍ରତିଷ୍ଠାତା ନନ୍ଦ ବଚ୍ଛ । ସେମାନଙ୍କୁ ଶୂଦ୍ର ସନ୍ନ୍ୟାସୀ କୁହାଯାଉଥିଲା । ସେମାନେ ବିଶ୍ୱାସ କରୁଥିଲେ ଯେ ମନୁଷ୍ୟ ପ୍ରାକୃତିକ ବିଧାନର ଅଧୀନ । ଉପବିଭାଗ ୩.୧୦.୧ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** କ) ✓ ଖ) ✓ ଗ) ✗ ଘ) ✓ ଙ) ✓

# ଏଇ ବ୍ଲକ୍ ପାଇଁ ଉପଯୋଗୀ କେତେକ ପୁସ୍ତକ


Allchin, Bridget and Raymond; *The Rise of Civilisations in India and Pakistan,* New Delhi, 1988

Kosambi, D.D; *The Culture and Civilisation of Ancient India in Historical Outline,* New Delhi, 1987

Ghosh, A, *The City in Early Historical India*, Simla, 1973

Sharrma R.S; *Material Cultures and Social Formations in Ancient India*, New Delhi, 1983

Shanna, RS; *Perspectives in the Social and Economic History of Ancient India*

Wagle, N; *Society at the Time of the Buddha*, Bombay, 1966.

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in